## ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ

ଝାରସୁଗୁଡ଼ା ଅଫିସ: କୋଲାବିରା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସୁଶୀଲ କୁମାର ନାୟକ ମୁଖ୍ୟଅତିଥି ଓ ଅଧ୍ୟାପିକା ସନ୍ଧ୍ୟାରାଣୀ ପୂଜାରୀ, ଅଧ୍ୟାପକ ସରୋଜ କୁମାର ପଟେଲ, ଡ. ନରେଶ କୁମାର ସାହୁ, ନୃପରାଜ ଭୋଇ, ଲବ ପ୍ରଧାନ ସମ୍ମାନିତ ଅତିଥି ଯୋଗଦେଇଥିଲେ। ଅତିଥିମାନେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହିତ ମହାବିଦ୍ୟାଳୟର ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ଛାତ୍ର ଦୁର୍ଯ୍ୟୋଧନ ପ୍ରଧାନ ଓ ଛାତ୍ରୀ କିରଣ ପଟେଲ ସଂଯୋଜନା କରିଥିବାବେଳେ ଛାତ୍ର ଝସକେତନ ପାତ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ସ୍କୁଲ ଛାତ୍ର ମୃତ

**ରେଙ୍ଗାଲି,୧୨।୧୧(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ବଡ଼ଖଲିୟା ଗ୍ରାମରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ସ୍କୁଲ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ଖଲିଆ ନିବାସୀ କୁଳମଣି ଖଡ଼ିଆଙ୍କ ପୁଅ ଉତ୍ତମ ଖଡ଼ିଆ (୮) । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟର ଜବତ ସହ ଡ୍ରାଇଭରଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ ଉତ୍ତମ ସ୍କୁଲରୁ ପାଠପଢ଼ା ସାରି ଅଟୋରେ ଘରକୁ ଫେରୁଥିଲେ। ଅଟୋରୁ ଓହ୍ଲାଇ ସେ ରାସ୍ତା ପାରି ହେଉଥିବା ସମୟରେ ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ମୁଣ୍ଡରେ ଆଘାତ ଲାଗିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଜାତୀୟ ଶିକ୍ଷା ଦିବସ

**ସମ୍ବଲପୁର,୧୨।୧୧(ବ୍ୟୁରୋ):** ସମ୍ବଲପୁର ବଡ଼ବଜାରସ୍ଥିତ ମୁଙ୍ଗାଲାଲ ଶିଶୁ ମନ୍ଦିରଠାରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଏସ୍ ସନ୍ତୋଷିନୀ ମହାନ୍ତି ସଭା ପରିଚାଳନା କରିଥିବାବେଳେ ଗୋପାଳ ପାତ୍ର ଧନ୍ୟବାଦ ଦେଇଥିଲେ। ମିନାକ୍ଷୀ ବିଶ୍ୱାଳ, ସୌମ୍ୟଜିତ ବିଶ୍ୱାଳ, ସ୍ନେହା ସେଠ, ଅଂଶିକା ବେହେରା ଜାତୀୟ ଶିକ୍ଷା ଦିବସ ଉପରେ ଆଲୋଚନା କରିଥିଲେ ।

### ବଡ଼ମାଲରେ ସ୍ୱାସ୍ଥ୍ୟ ଶିବିର

**ପଡିଆବାହାଲ, ୧୨।୧୧(ଡି.ଏନ.ଏ.):** ବିଶ୍ୱ ନିମୋନିଆ ଦିବସ ଅବସରରେ ଯୁଯୁମୁରା ବ୍ଲକ ଛାମୁଣ୍ଡା ପଞ୍ଚାୟତର ବଡମାଲଠାରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏମ୍‌ସିଏଲ୍ ପକ୍ଷରୁ ଆୟୋଜିତ ଶିବିରରେ ସ୍ୱାସ୍ଥ୍ୟ ସଚେତନତା ସାଙ୍ଗକୁ ନିମୋନିଆ ରୋଗର କାରଣ ପ୍ରତିକାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ବଡମାଲ, ଲରାବିରା, ବୁର୍ଦା ପ୍ରଭୃତି ଗ୍ରାମରୁ ଆସିଥିବା ୫୦ରୁ ଅଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା। ଡା. ରାଜାରାମ ଷଡଙ୍ଗୀ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜେଡିପିଓ ସ୍ମିତାରାଣୀ ପଟ୍ଟନାୟକ ଓ ପ୍ରିତି ପଲ୍ଲବୀ ନାୟକ ଏହାକୁ ପରିଚାଳନା କରିଥିଲେ।

### ବିକାଶ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ସମ୍ବଲପୁର,୧୨।୧୧(ବ୍ୟୁରୋ):** ଶାସନସ୍ଥିତ ବିକାଶ ସ୍କୁଲର ୧୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏସଡିପିଓ ପ୍ରଦୀପ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରର ସାମଗ୍ରିକ ବିକାଶ କରିବା ପାଇଁ ପୁସ୍ତକଗତ ଶିକ୍ଷା ସହିତ ଖେଳର ପ୍ରାଧାନ୍ୟ ରହିଛି ବୋଲି କହିଥିଲେ। ଏକାଡେମିକ୍ ଅଫିସର ପୁଷ୍ପିତା ପଣ୍ଡା ଅତିଥି ପରିଚୟ ଓ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ ସ୍ୱାଗତ ଭାଷଣ ଦେଇଥିଲେ। ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍‌ସର ଏମ୍‌ଡି ଜି. ଭାସ୍କର ରାଓ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଜଣାଇଥିଲେ। ଉତ୍ସବରେ ବିଜେତାମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ୍ ଓ ମେଡାଲ ପ୍ରଦାନ କରାଯାଇଥିଲା। ନୃତ୍ୟ ଶିକ୍ଷକ ପିତାମ୍ବର କୁମ୍ଭାରଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ନୃତ୍ୟ ପ୍ରଦର୍ଶନ କରିଥିଲେ। ବିକାଶ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି ଧନ୍ୟବାଦ ଦେଇଥିଲେ।

# ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବାକୁ ହେବ

## ଏନ୍‌ଏସ୍‌ସିବି କଲେଜର ସୁବର୍ଣ୍ଣ ଜୟନ୍ତୀ

**ସମ୍ବଲପୁର,୧୨।୧୧(ବ୍ୟୁରୋ)**



ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

ଛାତ୍ରୀଛାତ୍ରଙ୍କ ଭିତରେ ଅନେକ ପ୍ରତିଭା ଲୁଚିରହିଛି। ତାହାକୁ ଲୋକଲୋଚନକୁ ଆଣିବାକୁ ହେବ। ଏଥିରେ ଶିକ୍ଷାନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପୁରାତନ ଛାତ୍ରୀଛାତ୍ର, ସାଧାରଣ ମଣିଷକୁ ଅନୁଷ୍ଠାନ ସହ ଯୋଡିବାକୁ ହେବ। ସେମାନଙ୍କ ପରାମର୍ଶ ଓ ବିଚାର ଅନୁଷ୍ଠାନ ପାଇଁ ଲାଭଦାୟକ। ରାଜ୍ୟ ସରକାର ଶିକ୍ଷାନୁଷ୍ଠାନ ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ଚଳିତ ଶିକ୍ଷାବର୍ଷରେ ଏହି କଲେଜରେ ବିଜ୍ଞାନ ଶ୍ରେଣୀ ସମେତ ଓଡ଼ିଆ, ଇତିହାସ ଓ ବାଣିଜ୍ୟ ବିଭାଗରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହେବ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ସରକାରୀ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଉଦ୍‌ଘାଟନୀ ଉତ୍ସବରେ ଉଚ୍ଚ ଶିକ୍ଷାମନ୍ତ୍ରୀ ଇଂ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଥିଲେ।

ଉତ୍ସବରେ କଲେଜ ଅଧ୍ୟକ୍ଷା ଡକ୍ଟର ସିକତା ପଣ୍ଡା ସଭାପତିତ୍ୱ କରିଥିଲେ। ଜିଲାପାଳ ଅନନ୍ୟା ଦାସ, ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍. ନାଗାରାଜୁ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅର୍କ କୁମାର ଦାସମହାପାତ୍ର, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ସମ୍ବଲପୁରର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାବତୀ ଗୁରୁ, ଡା. ନାରାୟଣୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରଫେସର ଦୁର୍ଲ୍ଲଭ କୁମାର ସା ଅତିଥି ପରିଚୟ ଓ ଅଧ୍ୟକ୍ଷା ଡ. ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପୁରାତନ ଛାତ୍ରସଂଘ ଅଧ୍ୟକ୍ଷ ଅନିରୁଦ୍ଧ ପଧାନ ମହାବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ମନ୍ତ୍ରୀ ପୂଜାରୀ ବିଭିନ୍ନ ବିଭାଗର ଶ୍ରେଷ୍ଠ ଛାତ୍ରୀଛାତ୍ର ଓ ପୂର୍ବରୁ ଆୟୋଜିତ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସୁବର୍ଣ୍ଣ ଜୟନ୍ତୀ କମିଟି ସମ୍ପାଦକ ହୀରାଲାଲ ବେହେରା ଧନ୍ୟବାଦ ଦେଇଥିଲେ। ପରେ ଡ. ରଘୁମଣି ନାଏକ, ଅଧ୍ୟାପକ ସନ୍ତୋଷ ରଞ୍ଜନ ବେହେରା ଓ ବୀରସେନ ଦଲାଇଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ସବ ପରିଚାଳନାରେ ମହାବିଦ୍ୟାଳୟର ଅଧ୍ୟାପକ ହରିହର ମଲ୍ଲିକ, ଡ. ବିଶ୍ୱମୋହନ ଜେନା, ସୁରେଶ ଏକ୍କା, ସୁଜିତ ପଧାନ, ଶ୍ରଦ୍ଧାମୟୀ ପୁରୋହିତ, ଶ୍ରଦ୍ଧାଞ୍ଜଳି ଦାଶ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଜାତୀୟସ୍ତରରେ ଜିଏମ୍‌ୟୁ ଛାତ୍ରଙ୍କ କୃତିତ୍ୱ

**ସମ୍ବଲପୁର,୧୨।୧୧(ବ୍ୟୁରୋ)**



ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗର ଶୈକ୍ଷିଣ ସଂସ୍ଥାନ ତରଫରୁ ଆୟୋଜିତ ପିଜି ଡିପ୍ଲୋମା (ପ୍ରତ୍ନତାତ୍ତ୍ୱିକ) ପ୍ରବେଶିକା ପରୀକ୍ଷାରେ ସାରା ଭାରତରେ ୧୩ ଜଣ କୃତିତ୍ୱ ହାସଲ କରିଛନ୍ତି। ଏହା ମଧ୍ୟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଇତିହାସ ବିଭାଗର ଛାତ୍ର ସୁନୀଲ ଚାନ୍ଦ ରହିଛନ୍ତି। ସୁନୀଲ ହେଉଛନ୍ତି ବୌଦ୍ଧ ଜିଲା ଯଗଡୁଗାଡିଆ ଗ୍ରାମର ସ୍ୱର୍ଗତ ଗୋପବନ୍ଧୁ ଚାନ୍ଦ ଓ କମଳିନୀ ଚାନ୍ଦଙ୍କ କନିଷ୍ଠ ପୁତ୍ର। ସୁନୀଲ ଚଳିତବର୍ଷ ଜିଏମ୍‌ୟୁ ଇତିହାସ ବିଭାଗରେ ସ୍ନାତକୋତ୍ତର ଅଧ୍ୟୟନ କରିସାରିବା ପରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ ତରଫରୁ ଆୟୋଜିତ ପିଜିଡିଏ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ଦୈନିକ ସେ ୭ରୁ ୮ଘଣ୍ଟା ପରିଶ୍ରମ କରୁଥିଲେ। ସୁନୀଲଙ୍କ ଏହି ସଫଳତାରେ ପରିବାର, ଗ୍ରାମ ଓ ବିଶ୍ୱବିଦ୍ୟାଳୟରେ ଖୁସିର ଲହରି ଖେଳିଯାଇଛି। କୃତିତ୍ୱ ପାଇଁ ସେ ମା'ଙ୍କ ସମେତ ପରିବାର, ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗୀୟ ମୁଖ୍ୟ ଡ଼. ଅତୁଲ କୁମାର ପ୍ରଧାନଙ୍କୁ ଶ୍ରେୟ ଦେଇଛନ୍ତି।

## ରାଜ୍ୟପାଳଙ୍କୁ ଦାବିପତ୍ର ଦେବ ଓଜେୟୁ

**ସମ୍ବଲପୁର,୧୨।୧୧(ବ୍ୟୁରୋ)**

ନଭେମ୍ବର ୧୬ ତାରିଖ ଜାତୀୟ ପ୍ରେସ ଦିବସରେ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ପକ୍ଷରୁ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ନେଇ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରୁ ଲୋୟର ପିଏମ୍‌ଜି ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହା ପରେ ଏକ ଦାବିପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯିବ। ଏ ନେଇ ସଂଘର ସମ୍ବଲପୁର ଜିଲା ଶାଖା ପକ୍ଷରୁ ପୂର୍ତ୍ତବିଭାଗ ଡାକ ବଙ୍ଗଳାଠାରେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ହିମାଂଶୁ ଶେଖର ମିଶ୍ରଙ୍କ ସଭାପତିତ୍ୱ ଓ ଉପସଭାପତି ସୁକାନ୍ତ କରଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଭୁବନେଶ୍ୱରରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ସଫଳ କରିବାକୁ ମତପ୍ରକାଶ ପାଇଥିଲା। ସାଧାରଣ ସମ୍ପାଦକ ସରୋଜ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବରିଷ୍ଠ ସଦସ୍ୟ ସାଧବ ପ୍ରଧାନ, ନରେଶ ମାହାଣା, ରବୀନ୍ଦ୍ର ପ୍ରଧାନ, ନବୀନ ଦାଶ, ଗୁଣମଣୀ ବିଶ୍ୱାଳ, ସୁବ୍ରତ ପାଢ଼ୀ, ଦେବାଶିଷ ବେହେରା, ଦୁଶୋବନ୍ତ ଯୋଶୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟତମ ଉପସଭାପତି ସନ୍ତୋଷ ସାହୁ ଧନ୍ୟବାଦ ଦେଇଥିଲେ।


ବୈଠକରେ ଯୋଗଦେଇଥିବା ସମ୍ବଲପୁର ଶାଖା କର୍ମକର୍ତ୍ତା।

## ସହାୟତା ପ୍ରଦାନ କଲା ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍



ଆହତମାନଙ୍କୁ କମ୍ପାନୀ ପକ୍ଷରୁ ଉଦ୍ଧାର କରାଯାଉଛି ।

**ସମ୍ବଲପୁର,୧୨।୧୧(ବ୍ୟୁରୋ)**

ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେର ଖିଣ୍ଡା ଛକ ନିକଟରେ ବସ୍ ଓ ଟ୍ରକ୍ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଏହି ଖବର ଜାଣିବା ପରେ ନିକଟରେ ଥିବା ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ କମ୍ପାନୀର ମେଡିକାଲ, ସୁରକ୍ଷା ଦଳ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଦୁର୍ଘଟଣା କ୍ଷେତ୍ରକୁ ବାରିକେଡ୍ କରି ଗତିବିଧିକୁ ସୁନିଶ୍ଚିତ କରିବା ପାଇଁ ପୋଲିସ ଦଳକୁ ମଧ୍ୟ ସହାୟତା କରିଥିଲେ। ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ କମ୍ପାନୀର ବହୁ ଅଧିକାରୀ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଥିଲେ। କମ୍ପାନୀର ତ୍ୱରିତ ପଦକ୍ଷେପ ଯୋଗୁ ଆହତ ବ୍ୟକ୍ତିଙ୍କୁ ବସ୍ ଭିତରୁ ବାହାର କରି ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଉଦ୍ଧାର, ରିଲିଫ କାର୍ଯ୍ୟ, ମାନବ ଶକ୍ତି ମାଧ୍ୟମରେ ସହାୟତାକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ବିଶ୍ୱ ହିନ୍ଦୁ ପରିଷଦର ହିତ ଚିନ୍ତକ କାର୍ଯ୍ୟକ୍ରମ

**ସମ୍ବଲପୁର,୧୨।୧୧(ବ୍ୟୁରୋ)**

ବିଶ୍ୱ ହିନ୍ଦୁ ପରିଷଦର କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ସପନ କୁମାର ମୁଖାର୍ଜୀ ତାଙ୍କର ତିନି ଦିବସୀୟ ସମ୍ବଲପୁର ପ୍ରବାସ କାର୍ଯ୍ୟକ୍ରମ ସମାପନ କରି ଶନିବାର ଫେରିଯାଇଛନ୍ତି। ମୁଖାର୍ଜୀଙ୍କ ପ୍ରବାସ ପରିଷଦର ହିତ ଚିନ୍ତକ ଅଭିଯାନ ଅନ୍ତର୍ଗତ ହୋଇଥିଲା। ଏ ଅବସରରେ ସେ ସମ୍ବଲପୁରର ଓକିଲ, ବ୍ୟବସାୟୀ ତଥା ନିକଟସ୍ଥ ଗ୍ରାମକୁ ଯାଇ ପରିଷଦର ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ପ୍ରତି ତିନିବର୍ଷରେ ଥରେ ଦେଶବ୍ୟାପୀ ହିତ ଚିନ୍ତକ ଅଭିଯାନ ହୋଇଥାଏ। ଚଳିତଥର ନଭେମ୍ବର ୬ ତାରିଖଠାରୁ ଆରମ୍ଭ ହୋଇଥିବା ଏ ଅଭିଯାନ ନଭେମ୍ବର ୨୦ରେ ସମାପ୍ତ ହେବ। ଏଥର ଦେଢ଼ଲକ୍ଷ ଗ୍ରାମ ଓ ଏକ କୋଟି ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

# ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

**ଝାରସୁଗୁଡ଼ା ଅଫିସ,୧୨।୧୧**

ଝାରସୁଗୁଡ଼ା ସିଭିଲ କୋର୍ଟ ଓ ଲଖନପୁର ଗ୍ରାମ ନ୍ୟାୟାଳୟ ପରିସରରେ ଶନିବାର ଜିଲା ଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦିଗାମ୍ବର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଟ୍ରିବ୍ୟୁନାଲରେ ବିଚାରାଧୀନ ଥିବା ୫ ମୋଟରଯାନ ଦୁର୍ଘଟଣା ଜନିତ ମାମଲା, ୨୬,୬୦,୦୦୦ ଟଙ୍କାରେ ୩ ମିଳାମିଶା ଯୋଗ୍ୟ ଫୌଜଦାରି, ୩ ଚେକ୍ ବାଉନ୍ସ, ୧୪ଟି ଟଙ୍କା ପୁନରୁଦ୍ଧାର ମାମଲା, ୧୭,୨୨,୯୨୭.୮୬ ଟଙ୍କାରେ ୫ ବୈବାହିକ ବିବାଦ (ବିବାହ ବିଚ୍ଛେଦ ବ୍ୟତିତ), ୭,୮୮,୨୪୦ ଟଙ୍କାରେ ୭୮୧ ରାଜସ୍ୱ ମକଦ୍ଦମା, ୫,୫୪,୦୫୫ ଟଙ୍କାରେ ୮ ଟି ଉପଭୋକ୍ତା ବିବାଦ ମାମଲା, ୨୨,୫୭,୮୫୩ ଟଙ୍କାରେ ଭାରତ ସଞ୍ଚାର ନିଗମ ଲିମିଟେଡର ଟେଲିଫୋନ ବିଲ ସମ୍ବନ୍ଧୀୟ ୧୯ ମାମଲାର ଆପୋସ ବୁଝାମଣା ମାଧ୍ୟମରେ ସମାଧାନ ହୋଇଛି। ଜିଲା ଜଜ୍ ଦିଗାମ୍ବର ପୃଷ୍ଟି ଲବଂ ଅତିରିକ୍ତ ଜିଲା ଓ ଦୌରା ଜଜ୍ ସତ୍ୟବ୍ରତ ମିଶ୍ର ମୋଟରଯାନ ଦୁର୍ଘଟଣା ଜନିତ ମକଦ୍ଦମାର ସମାଧାନ କରି ବୀମା କମ୍ପାନୀକୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଆଦେଶ କରିଥିଲେ। ପରିବାର ଅଦାଲତର ବିଚାରପତି ହର ପ୍ରସାଦ ପଟ୍ଟନାଏକ ବୈବାହିକ ବିବାଦ ମାମଲା, ବରିଷ୍ଠ ଦେୱାନି ଜଜ୍ ସ୍ୱପ୍ନାଶ୍ରୀ ନାୟକ, ବରିଷ୍ଠ ଦେୱାନି ଜଜ୍ (ଏଲ୍‌ଆର୍) ଜୀବନାନନ୍ଦ ପାଢୀ ଓ କନିଷ୍ଠ ଦେୱାନି ଜଜ ରୋଶନିବାଳା ସେନାପତି ଦେୱାନି ମକଦ୍ଦମାର ସମାଧାନ କରାଇଥିଲେ। ସେହିପରି ଉପଖଣ୍ଡ ସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦିବ୍ୟସଚି ବେହେରା, ନ୍ୟାୟାଧିକାରୀ ଗ୍ରାମ୍ୟ ନ୍ୟାୟାଳୟ ଲଖନପୁର ମୋନାଲିସା ପଣ୍ଡା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମୟୀ ନନ୍ଦ ଓ ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରିୟଙ୍କା ପ୍ରିୟଦର୍ଶିନି ପଟେଲ ଫୌଜଦାରି ମାମଲାର ଆପୋସ ସମାଧାନ କରାଇଥିଲେ। ଜିଲାର ସବୁ ରାଜସ୍ୱ ଅଦାଲତରେ ରାଜସ୍ୱ ମାମଲାର ସମାଧାନ ହୋଇଥିଲା। ଅତିରିକ୍ତ ଜିଲା ଓ ଦୌରା ଜଜ୍ ପୋକ୍ସୋ ନିଳଗିରୀ ଜେନା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁବାସ ଚନ୍ଦ୍ର ଧଳ, ସିଭିଲ କୋର୍ଟ ରେଜିଷ୍ଟ୍ରାର ମଳୟ କୁମାର ପ୍ରଧାନ ପ୍ରମୁଖ ଉକ୍ତ ଲୋକ ଅଦାଲତରେ ଉପସ୍ଥିତ ଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ନେହା ଦାସ ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ।

## ପଶ୍ଚିମବଙ୍ଗ ମନ୍ତ୍ରୀଙ୍କ ବିରୋଧରେ ଭାଜପାର ଏତଲା


ଏତଲା ଦେବା ଅବସରରେ ଭାଜପା କର୍ମକର୍ତ୍ତା।

**କୁଚିଣ୍ଡା,୧୨।୧୧(ଡି.ଏନ.ଏ.)**

ଓଡ଼ିଶା ମାଟିର ଗର୍ବ, ଗୌରବ ତଥା ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସୌନ୍ଦର୍ଯ୍ୟ ଉପରେ ଉପହାସ କରି ଅପମାନିତ କରିଥିବା ଟିଏମ୍‌ସି ନେତା ତଥା ପଶ୍ଚିମବଙ୍ଗ ସରକାରଙ୍କ ମନ୍ତ୍ରୀ ଅଖିଳ ଗିରିଙ୍କ ବିରୋଧରେ କୁଚିଣ୍ଡା ଥାନାରେ ଶନିବାର ଭାଜପା ପକ୍ଷରୁ ଏତଲା ଦିଆଯାଇଛି। ଦେଶର ସର୍ବୋଚ୍ଚ ନାଗରିକଙ୍କ ବିରୋଧରେ ଏକ ଜନସଭାରେ ଏଭଳି କଟୁକ୍ତି କରିବା ଘଟଣାକୁ ମଧ୍ୟ ଦଳ ତୀବ୍ର ନିନ୍ଦା କରିଛି। ଏତଲା ଦେବା ସମୟରେ ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ମହେଶ ରାୟ, ପ୍ରାଣବନ୍ଧୁ ନାଥ, ଦୋଳଚାନ୍ଦ କିଷାନ, କପିଳ ବଲୁଆ ଉପସ୍ଥିତ ଥିଲେ।

## କଳାକାର ଦକ୍ଷତା ପରୀକ୍ଷା ୧୪ରୁ

**ଝାରସୁଗୁଡ଼ା ଅଫିସ,୧୨।୧୧**

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ନିମନ୍ତେ ଦକ୍ଷତା ପରୀକ୍ଷା ଆସନ୍ତା ୧୪ ଓ ୧୫ତାରିଖରେ ଝାରସୁଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ୧୪ରେ ବଡମାଲ, ଦଲକି, ଚାନ୍ଦନୀମାଲ, ଏଚ. କଟାପାଲି, ହିର୍ମା, ଜମେରା, କୁଦୋପାଲି, ମାଲଦା, ମରାକୁଟା, ପତ୍ରାପାଲି, ରାଜପୁର, ଶ୍ରୀପୁରା ଓ ତାଲପଟିଆ ପଞ୍ଚାୟତ ଏବଂ ୧୫ରେ ଦୁର୍ଲଗା ଓ ଲୋଇସିଂହ ପଞ୍ଚାୟତର କଳାକାରଙ୍କ ଦକ୍ଷତା ପରୀକ୍ଷା ହେବ। ଜିଲା ସଂସ୍କୃତି କାର୍ଯ୍ୟାଳୟରେ ଆବେଦନକାରୀ ନିଜ ବାଦ୍ୟଯନ୍ତ୍ର ସହିତ ଉପସ୍ଥିତ ରହିବାକୁ ଝାରସୁଗୁଡ଼ା ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

# ଜାନୁୟାରୀ ୧ରେ ଜିଲା ପ୍ରତିଷ୍ଠା ଦିବସ

**ଝାରସୁଗୁଡ଼ା ଅଫିସ,୧୨।୧୧**

ଝାରସୁଗୁଡ଼ା ଜିଲା ପ୍ରତିଷ୍ଠା ଦିବସ ଓ ଜିଲା ମହୋତ୍ସବ 'ଦୁଲଦୁଲି' ପାଳନ ପାଇଁ ଖଣିଜ ପାଣ୍ଠି ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଉପଜିଲାପାଳ ଦୟାମୟ ପାଢୀ ଓ ଏସ୍‌ଡିପିଓ ନିର୍ମଳ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଜାନୁୟାରୀ ୧ତାରିଖରେ ଜିଲା ପ୍ରତିଷ୍ଠା ଦିବସ ପାଳନ କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଛି। ସେହିପରି ଜାନୁୟାରୀ ୧୪ରୁ ୧୮ତାରିଖ ସରବାହାଲସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ମହୋତ୍ସବ 'ଦୁଲଦୁଲି' ଅନୁଷ୍ଠିତ ହେବ। ପଲ୍ଲିଶ୍ରୀ ମେଳାର ଆୟୋଜନ ସହ ସ୍ମରଣିକା ପ୍ରକାଶନ ପାଇଁ ଆଲୋଚନା କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ତାପସ ରାୟ ଚୌଧୁରୀ ବିଗତ ବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ମହୋତ୍ସବ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ଧନ୍ୟବାଦ ଦେଇଥିଲେ।



ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ସ୍ଥାନୀୟ ବୁଦ୍ଧିଜୀବୀ।

## ବୁର୍ଲାରେ ୧୩ତମ ପ୍ରତିଷ୍ଠା ସମ୍ମାନ ପ୍ରତିଯୋଗିତା

**ସମ୍ବଲପୁର,୧୨।୧୧(ବ୍ୟୁରୋ)**

ବୁର୍ଲାଠାରେ ୧୩ତମ ପ୍ରତିଷ୍ଠା ସମ୍ମାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର, ଭିସୁଟ ସହଯୋଗୀ ଡିନ୍ ଡ. ପୁଣ୍ୟପ୍ରିୟା ମିଶ୍ର ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଷ୍ଠାର ସଭାପତି ପ୍ରସନ୍ନ କୁମାର ସାହୁ ଅଧ୍ୟକ୍ଷତା ଓ ସଂଯୋଜକ ତରଣୀସେନ ଚାନ୍ଦ ବିବରଣୀ ଉପସ୍ଥାପନ କରିଥିଲେ। ସମ୍ପାଦକ ସୁବ୍ରତ କୁମାର ପଟ୍ଟନାୟକ, ସୁଧିର କୁମାର ମହାରଣା, ହରିଶଙ୍କର ପଣ୍ଡା, ଗୋପାଳ କୃଷ୍ଣ ପ୍ରଧାନ, ଶ୍ୟାମ ଗୌଡ, ସତ୍ୟବ୍ରତ ନାୟକ, ସଞ୍ଜୀବ ପଣ୍ଡା, ଦୁର୍ଗାପ୍ରସାଦ ଦଲାଇ, ମନୋରମା ଦାସ, ରୀନାରାଣୀ ସାହୁ ପ୍ରମୁଖ ବିଭିନ୍ନ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। କୃଷ୍ଣଚନ୍ଦ୍ର ବାଗ, ଦିଲୀପ କୁମାର ପଣ୍ଡା, ରଞ୍ଜିତ ସାହୁ, କୃଷ୍ଣସୁଦାମ ପାଣିଗ୍ରାହୀ ବିଚାରକ ଭାବେ ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ରବିବାର ପ୍ରତିଷ୍ଠା ସମ୍ମାନରେ ସମ୍ମାନିତ କରାଯିବ ବୋଲି ସୂଚନା ଦିଆଯାଇଛି।

# ବାଲ୍ୟ ବିବାହ ବନ୍ଦ ପାଇଁ ସଚେତନତା ଜରୁରୀ



କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

**ଝାରସୁଗୁଡ଼ା ଅଫିସ,୧୨।୧୧**

ବାଲ୍ୟ ବିବାହ ବନ୍ଦ କରିବା ପାଇଁ ବିଭିନ୍ନ ଜାତି ସମାଜ ମଧ୍ୟରେ ସଚେତନତା ଜରୁରୀ ବୋଲି ଜିଲାପାଳ ସରୋଜ କୁମାର ସାମଲ କହିଛନ୍ତି। ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଜାତି ସମାଜର ମୁଖ୍ୟମାନଙ୍କୁ ନେଇ ଆହୁତ ବୈଠକରେ ଜିଲାପାଳ ବାଲ୍ୟ ବିବାହମୁକ୍ତ କରିବା ପାଇଁ ସବୁ ବର୍ଗର ଲୋକଙ୍କ ସହଯୋଗ କାମନା କରିଛନ୍ତି। 'ବିଜୟିନୀ' ଅଭିଯାନ ଆସନ୍ତା ୧୪ରୁ ୩୦ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଏହା ମାଧ୍ୟମରେ ଜିଲାରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଏଥିପାଇଁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି। ବାଲ୍ୟ ବିବାହ ହେଉଥିବାର ସୂଚନା ପାଇଲେ ସ୍କ୍ୱାଡ୍ ଚଢ଼ାଉ କରିବ ବୋଲି ବୈଠକରେ ଆଲୋଚନା କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝି, ପ୍ରବନ୍ଧକ ନିର୍ଦ୍ଦେଶକ ଆଲୋମଣୀ ସେଠୀ, ଜିଲା ଶ୍ରମ ଅଧିକାରୀ ସୁନିତା କିଷାନ, ଡିଏସ୍‌ପି (ଡିଆଇବି) ବନଶ୍ରୀ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଂଯୋଜିକା (ବାଲ୍ୟ ବିବାହ) ରଞ୍ଜିତା ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କୁଲତା, ଅଘରିଆ, ଗୋଣ୍ଡ, କିଷାନ ଓ ଝରିଆ ଗୋପାଳ ଆଦି ଜାତି ଓ ସମାଜ ମୁଖ୍ୟମାନଙ୍କୁ ପ୍ରଶାସନ ତରଫରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ପରିବେଶ, ଖଣିଜ ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ




ଟେନ୍‌ସା,୧୨।୧୧(ଡି.ଏନ୍.ଏ.): ଭୁବନେଶ୍ୱରସ୍ଥିତ ସୋସାଇଟି ଅଫ ଜିଓ ସାଇଣ୍ଟିଷ୍ଟ ଏଣ୍ଡ ଆଲାଇଡ ଟେକ୍ନୋଲୋଜିଷ୍ଟ (ଏସଜିଏଟି)ଙ୍କ ତତ୍ତ୍ୱାବଧାନରେ ୧୧ ରେ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାରର ଟିଆରବି ଆଇରନ ମାଇନ୍ସ, ଟେନ୍‌ସା ଠାରେ ପରିବେଶ ଓ ଖଣିଜ ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ୧୭ଟି ବିଦ୍ୟାଳୟର ଛାତ୍ର ଏବଂ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ବିପି ରାଉତ, ଖଣି ଅଧିକାରୀ, କୋଇଡା ସର୍କଲ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ପିକେ ସେଠୀ, ଖଣି ଅଧିକାରୀ ତଥା ପ୍ରମୋଦ କୁମାର ପାତ୍ର, ୟୁନିଟ ମୁଖ୍ୟ, ଟିଆରବି ଆଇରନ ମାଇନ୍ସ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଯୁବ ଛାତ୍ରମାନଙ୍କ ମଧ୍ୟରେ ଏପରି ଅଭିନବ ଓ ଆକର୍ଷଣୀୟ କାର୍ଯ୍ୟକ୍ରମ ତଥା ଏହି ଅଞ୍ଚଳର ସାମଗ୍ରିକ ବିକାଶରେ ଅବଦାନ ପାଇଁ ରାଉତ ଏସଜିଏଟିକୁ ପ୍ରଶଂସା କରିଥିଲେ। ଖଣି ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଖଣିଜ ପଦାର୍ଥର ମହତ୍ତ୍ୱ ତଥା ଏହାର ଆଖପାଖ ପରିବେଶ ବିଷୟରେ ଜାଣିବା ତଥା ସଚେତନ ହେବା ପାଇଁ ଏସଜିଏଟି ମାଧମରେ ଓଡିଶା ସରକାରଙ୍କ ଏଭଳି ଉଦ୍ୟମକୁ ପାତ୍ର ପ୍ରଶଂସା କରିଥିଲେ। ଏସଜିଏଟି ତରଫରୁ ତ୍ରିଲୋଚନ ମହନ୍ତ ଏବଂ ତାପସ କୁମାର ରଥ ପ୍ରତିନିଧିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରବନ୍ଧ ଲେଖା ଏବଂ କୁଇଜ ପ୍ରତିଯୋଗିତାରେ ସାମଗ୍ରିକ ପ୍ରଦର୍ଶନକୁ ଆଧାର କରି କୁମାରୀ ଗାୟତ୍ରୀ ସାହୁ ଏବଂ କୁମାରୀ ତମନ୍ନା ରାନୀ ସେଥ, ଗୋଗୁଆ ହାଇସ୍କୁଲକୁ ପ୍ରତିନିଧିତ୍ୱ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଡିଏଭି ପବ୍ଲିକ ସ୍କୁଲ, ଟେନ୍ସାର ପ୍ରତିନିଧିତ୍ୱ କରି ବିନୋରୀ ବିକ୍ରମ ରାୟ ଏବଂ କୁମାରୀ ଭାଗ୍ୟଶ୍ରୀ ମହାକୁଡ଼ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

### ଟ୍ରକ୍ ଧକ୍କାରେ ଦୁଇ ବାଇକ୍ ଆରୋହୀ ମୃତ

ହେମଗିର,୧୨।୧୧(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଉସତାଲି ଘାଟି ନିକଟରେ ଟ୍ରକ ଧକ୍କାରେ ଦୁଇ ଜଣ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁସାରେ ଶନିବାର ରାତି ପ୍ରାୟ ସାଢେ ଆଠଟାରେ ଡୁରୁବଗା ପଟୁ ବାଇକରେ ଆସୁଥିବା ଦୁଇଜଣ ବ୍ୟକ୍ତିଙ୍କୁ କନିକା ପଟୁ ଆସୁଥିବା ଏକ ଟ୍ରକ ଧକ୍କା ଦେଇଥିଲା ଯାହାଫଳରେ ଦୁଇ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ନଥିବା ବେଳେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

# ଚାଷଜମିରେ ବ୍ୟାପୁଛି ରୋଗପୋକ

ଦେବଗଡ଼,୧୨।୧୧(ଡି.ଏନ.ଏ)


ଜିଲା କଂଗ୍ରେସ ସଭାପତି ଓ ଅନ୍ୟମାନେ ଚକଡାଗ୍ରସ୍ତ ଚାଷଜମି ପରିଦର୍ଶନ କରୁଛନ୍ତି।

**ଦେବଗଡ ଜିଲା କଂଗ୍ରେସ ପ୍ରତିନିଧି ଦଳର ଚକଡ଼ାଗ୍ରସ୍ତ ଚାଷଜମି ପରିଦର୍ଶନ**

କୃଷି ଉପରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଥିବା ଅନୁନ୍ନତ ଦେବଗଡ ଜିଲାରେ ହାତୀ ଉପଦ୍ରବ ଚାଷୀଙ୍କର ନିଦ ହଜାଇ ଦେଇଥିବାବେଳେ ଏବେ ଚକଡା ପୋକ ଦାଉ ସାଧୁଛି। ଜିଲାରେ ଚାଷ ଜମିରେ ରୋଗପୋକ ବ୍ୟାପୁଥିବାରୁ ଚାଷୀମାନଙ୍କ ମଧ୍ୟରେ ହତାଶାଭାବ ପ୍ରକାଶ ପାଇଛି। ଏହି କ୍ରମରେ ତିଲେଇବଣି ବ୍ଲକ ଅନ୍ତର୍ଗତ ଶରଣଖୋଳ ଗ୍ରାମରେ ଶହଶହ ଏକର ଚାଷଜମିରେ ଚକଡା ପୋକ ଲାଗିବା ସହ ଧାନ ଫସଲ ନଷ୍ଟ ହୋଇଯାଉଥିବା ଦେଖିବାକୁ ମିଳୁଛି । ଏନେଇ ସୂଚନା ପାଇବା ପରେ ଦେବଗଡ଼ ଜିଲା କଂଗ୍ରେସର ଏକ ପ୍ରତିନିଧି ଦଳ ଉକ୍ତ ଶରଣଖୋଳ ଗ୍ରାମ ଗସ୍ତକରି କ୍ଷତିଗ୍ରସ୍ତ ଚାଷଜମି ପରିଦର୍ଶନ କରିଥିବା ଜଣାପଡିଛି। ଦେବଗଡ଼ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ ଦଳୀୟ ନେତା ଓ କର୍ମୀମାନଙ୍କ ନେତୃତ୍ୱରେ ଶରଣଖୋଳ ଗ୍ରାମକୁ ଯାଇ ଚକଡାଗ୍ରସ୍ତ ଚାଷଜମି ପରିଦର୍ଶନ କରିବା ସହ ଦୁଃଖ ପ୍ରକାଶ କରିଥିଲେ। ସେହିପରି ଚକଡା ଜନିତ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଛନ୍ତି। ଆଜିର ଏହି ଗସ୍ତ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ସାହୁଙ୍କ ସହିତ ତିଲେଇବଣି ବ୍ଲକ କଂଗ୍ରେସ କିସାନ ସେଲ ସଭାପତି ସୁରେନ୍ଦ୍ର କୁମାର ସାହୁ, ଅମରଜିତ ବାର୍ଲା, ସୁନୀଲ ବାର୍ଲା, କିଶୋର କୁମାର ବାର୍ଲା,ଦୀପକ ବେହେରା ଓ ମାର୍ଗାରେଟ ବାର୍ଲା ପ୍ରମୁଖ ସାମିଲ ଥିଲେ ।

# ଜିଲା ପରିଷଦ ଷ୍ଟାଣ୍ଡିଂ କମିଟିର ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ

ସୁନ୍ଦରଗଡ଼, ୧୨।୧୧(ଡି.ଏନ.ଏ)

ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ନମ୍ବର-କ (ଯୋଜନା, ଅର୍ଥ, ଗରିବ ବିରୋଧୀ ଏବଂ ସମନ୍ୱୟ) ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ଜିଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା ଙ୍କ ନେତୃତ୍ୱରେ ଥିବା ୭ଜଣିଆ ଟିମକୁ ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସ୍ୱାଗତ କରାଯାଇଥିଲା। ରୋଗୀମାନଙ୍କ ପାଇଁ ଉପଲବ୍ଧ ଥିବା ବିଭିନ୍ନ ସେବା ତଥା ସୁବିଧା ସମ୍ପର୍କରେ ଅବଗତ କରେଇଥିଲେ। ଉପାଧ୍ୟକ୍ଷା ଲାକ୍ରା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପୂର୍ଣ୍ଣ ଚନ୍ଦ୍ର ସାହୁ, ତଥା ବିଭିନ୍ନ ବିଭାଗର ଡାକ୍ତର ଙ୍କ ସହିତ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି ଖଣି ଅଞ୍ଚଳର ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହା ସହିତ ବଣାଇ ଉପଖଣ୍ଡ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ସହିତ ସ୍ୱାସ୍ଥ୍ୟ ଅନୁଷ୍ଠାନ ଉପରେ ଧ୍ୟାନଦେବାକୁ ଲାକ୍ରା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କହିଥିଲେ। ପରେ ଟିମ ଏମ୍‌ସିଏଚ ବିଲଡିଂକୁ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଚିକିତ୍ସାଳୟ ଅଧୀକ୍ଷକ, ଡିପି. ଏମଏନଏଚଏମ ଏବଂ ଅନ୍ୟାନ୍ୟ ଡକ୍ଟର ଉପସ୍ଥିତ ଥିଲେ ।


ପରିଦର୍ଶନ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା ।

# ସଞ୍ଜୟ ସ୍ମାରକୀ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ


ସଞ୍ଜୟ ସ୍ମାରକୀ ଫୁଟବଲ ପ୍ରତିଯୋଗିତାରେ ଅତିଥି ଓ ଖେଳାଳି।

ଦେବଗଡ଼,୧୨।୧୧(ଡି.ଏନ.ଏ)

ତିଲେଇବଣି ବ୍ଲକ ଛେପିଲିପାଲି ଗ୍ରାମ ପଞ୍ଚାୟତ ବୁଢ଼ିବିଲ ଗ୍ରାମର ଶାସ୍ତ୍ରୀ କ୍ଲବ ଆନୁକୁଲ୍ୟରେ ଦ୍ୱି ଦିବସୀୟ ସଞ୍ଜୟ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। କ୍ଲବର ସଭାପତି ସିଦ୍ଧେଶ୍ୱର ଗୁରୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଜିଲା କ୍ରିକେଟ ସଂଘର ସମ୍ପାଦକ ଇଂ. ସୁଜିତ କୁମାର ପ୍ରଧାନ, ଅଶୋକ କୁମାର ନନ୍ଦ,ସିଦ୍ଧାର୍ଥ ଗୁରୁ ଯୋଗଦେଇ ଫିତା କାଟିବାସହ ଖେଳାଳିମାନଙ୍କ ସହ ହାତ ମିଳାଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ମୋଟ ୮ଟି ଦଳକୁ ନେଇ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାର ଉଦଘାଟନୀ ମ୍ୟାଚ କୁଶପଙ୍ଗା ଓ ଗୁଣ୍ଡୁରିପୋଶି ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୁଣ୍ଡୁରିପୋଶି ଦଳକୁ ଟାଇ ବ୍ରେକରରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉନ୍ନିତ ହୋଇଥିଲା। ଆଜିର ମ୍ୟାଚଗୁଡିକୁ ସୁନ୍ଦରଗଡ଼ ଜିଲା ବଣାଇଁରୁ ଆସିଥିବା ରେଫରୀମାନେ ପରିଚାଳନା କରୁଥିବା ବେଳେ ପ୍ରତିଯୋଗିତା ଆୟୋଜନରେ ଶାସ୍ତ୍ରୀ କ୍ଲବର ସନ୍ତୋଷ ଛତ୍ରିଆ, ସୁଶାନ୍ତ ଛତ୍ରିଆ, ଅଭିମନ୍ୟୁ ଛତ୍ରିଆ, ଲିଲି ଉଦାବର, ପପୁନ କୁମାର ନାୟକ, ସୁଦର୍ଶନ ଛତ୍ରିଆ,ବିଜୁ ନାୟକ, ସୁରେଶ ନାୟକ, ଫକୀର ଛତ୍ରିଆ, ନିଳାଚଳ ଛତ୍ରିଆ, ସୁଜିତ ଛତ୍ରିଆ,କାହ୍ନା ଭୋଇ, ଲିଟୁନ ଭୋଇ, ଅର୍ଜୁନ ଛତ୍ରିଆ, ଭାଗିରଥି ଛତ୍ରିଆ ଓ ମଣ୍ଟୁ ଛତ୍ରିଆଙ୍କ ସମେତ ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ। ଭାଷ୍ୟକାର ଭାବେ ପ୍ରଫୁଲ୍ଲ କୁମାର ସାହୁ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ।

### ମୃତ୍ତିକା ସଂରକ୍ଷଣ ଅଣଗେଜେଟେଡ଼ କ୍ଷେତ୍ର କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା

ଲହୁଣୀପଡ଼ା, ୧୨।୧୧(ଡି.ଏନ.ଏ)

ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ସ୍ଥିତ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ପରିସରରେ ଶନିବାର ଜିଲା ମୃତ୍ତିକା ସଂରକ୍ଷଣ ଅଣ ଗେଜେଟେଡ଼ କର୍ମଚାରୀ ସଂଘର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂଘର ସାଧାରଣ ସହ ସମ୍ପାଦକ ଅମୂଲ୍ୟ ରଞ୍ଜନ ସ୍ୱାଇଁ ଯୋଗ ଦେଇଥିବା ବେଳେ ଶିବପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ। ମୃତ୍ତିକା ସଂରକ୍ଷଣ ଅଣ ଗେଜେଟେଡ଼ କ୍ଷେତ୍ର କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନେବା ସହିତ ୪ରେ ପୁରୀରେ ହେବାକୁ ଥିବା ରାଜ୍ୟ ସମ୍ମିଳନୀରେ ଯୋଗ ଦେବା ପାଇଁ ଅନୁରୋଧ କରାଯାଇଥିଲା। ବୈଠକରେ ଜିଲାର ସମସ୍ତ କର୍ମଚାରୀ ଉପସ୍ଥିତ ଥିବାବେଳେ ସୁନ୍ଦରଗଡ଼ ଜିଲାର ନୂତନ କମିଟି ଗଠନ କରାଯାଇଥିଲା।ସର୍ବସମ୍ମତି କ୍ରମେ ଶିବ ପ୍ରସାଦ ଦାସ ସଭାପତି, ଅରୁପା ନନ୍ଦ ଘୋଷିରା ସମ୍ପାଦକ,ଆଲଡ୍ରିନ ଦଣ୍ଡସେନା ସହ ସମ୍ପାଦକ,ସାଗର ଡୁଙ୍ଗୁମ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଚାଇନା ସେଠି ଓ ଧନେଶ୍ୱର ମୁଣ୍ଡା ଉପଦେଷ୍ଟା ଭାବେ ମନୋନୀତ ହୋଇଥିବା ଜଣାପଡ଼ିଛି।

# ଥାନାରେ ଏତଲା ଦେଲେ ବିଧାୟିକା କୁସୁମ


ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଏତଲା ଦେଉଛନ୍ତି।

ସୁନ୍ଦରଗଡ଼,୧୨।୧୧(ଡି.ଏନ୍.ଏ.)

**ପଶ୍ଚିମବଙ୍ଗ ମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ**

ପଶ୍ଚିମବଙ୍ଗ ମମତା ବାନାର୍ଜୀଙ୍କ ମନ୍ତ୍ରୀମଣ୍ଡଳର ମନ୍ତ୍ରୀ ଅଖିଳ ଗିରି ନନ୍ଦିଗ୍ରାମଠାରେ ଏକ ଜନସଭାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ଶନିବାର ଓଡ଼ିଶାରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ଓଡ଼ିଶାର ବିଭିନ୍ନ ଦଳର ନେତା ଏହାକୁ ନାପସନ୍ଦ କରିଥିଲା ବେଳେ ଭାଜପା ପକ୍ଷରୁ ଏହାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଓ ଦଳୀୟ କାର୍ଯ୍ୟକର୍ତ୍ତା ଅପରାହ୍ନରେ ସୁନ୍ଦରଗଡ଼ ଟାଉନ ଥାନାରେ ପଶ୍ଚିମବଙ୍ଗ ମନ୍ତ୍ରୀ ଗିରିଙ୍କ ବିରୋଧରେ ଏତଲା ଦେଇଛନ୍ତି। ଏନେଇ ଟାଉନ ଥାନା ଆଇଆଇସି ସୁଶାନ୍ତ କୁମାର ପରିଡା ଏତଲାକୁ ଗ୍ରହଣ କରି ଏକ ଷ୍ଟେସନ ଡାଏରୀ କରିଛନ୍ତି। ରାଷ୍ଟ୍ରପତିଙ୍କ ସହ ଶ୍ରୀଜଗନ୍ନାଥଙ୍କୁ ମଧ ମନ୍ତ୍ରୀ ଗିରି ଅପମାନ କରିଛନ୍ତି। ଓଡ଼ିଆ ସ୍ୱାଭିମାନ, ଭାବାବେଗ ଓ ସମ୍ମାନବୋଧକୁ ଲୁଣ୍ଠିତ କରିବାକୁ ଷଡଯନ୍ତ୍ରକାରୀ ଏହି ଟିଏମ୍‌ସି(ତୃଣମୂଳ କଂଗ୍ରେସ)ନେତାଙ୍କ ବିରୋଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ବିଧାୟିକା ଟେଟେ ଏତଲାରେ ଦାବି କରିଛନ୍ତି।

# ଏବିଭିପି ତରଫରୁ ନଗର ସମ୍ମିଳନୀ



ଦେବଗଡ଼ରେ ନଗର ସମ୍ମିଳନୀ ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କର୍ମକର୍ତ୍ତା।

ଦେବଗଡ଼, ୧୨।୧୧(ଡି.ଏନ୍.ଏ.)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି), ଦେବଗଡ଼ ତରଫରୁ ଦେବଗଡ଼ ନଗର ସମ୍ମିଳନୀ ସ୍ଥାନୀୟ ସଂସ୍କୃତି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ମହାବିଦ୍ୟାଳୟର ଅଧ୍ୟାପକ ଶୁଭ୍ରାଂଶୁ ଗୁରୁ, ମୁଖ୍ୟବକ୍ତା ଭାବେ ଏବିଭିପିର ପୂର୍ବତନ ରାଜ୍ୟ ଉପସଭାପତି ତଥା କଳା ମହାବିଦ୍ୟାଳୟର ଅଧ୍ୟାପକ ସୁକାନ୍ତ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ଏବିଭିପିର ପୂର୍ବତନ କାର୍ଯ୍ୟକର୍ତ୍ତା ବାଣେଶ୍ୱର ଦାସ, ସମ୍ବଲପୁର ବିଭାଗ ସଙ୍ଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା ଓ ଅଭିଜିତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ନଗର ସମ୍ମିଳନୀରେ ପୁରାତନ କାର୍ଯ୍ୟକାରିଣୀକୁ ଭାଙ୍ଗି ଚଳିତ ଶିକ୍ଷା ବର୍ଷ ପାଇଁ ନୂତନ କାର୍ଯ୍ୟକାରିଣୀ ଘୋଷଣା କରାଯାଇଥିଲା। ଏଥିରେ ନୂତନ ସମ୍ପାଦକ ଭାବେ ଦେବଗଡ଼ ମହାବିଦ୍ୟାଳୟର ଛାତ୍ରୀ ନେତ୍ରୀ ସାଇସନ୍ଦିପ୍ତା ଜୋତିଶ, ସହ ସମ୍ପାଦକ ସୌମ୍ୟରଂଜନ ସାହୁ, ଅଭିଷେକ ପଣ୍ଡା, ସେବା ପ୍ରମୁଖ ଭୁବନେଶ୍ୱରୀ ବେହେରା, ପ୍ରତିମା ସାହୁ , ସାମାଜିକ ଗଣମାଧ୍ୟମରେ ଆଲୋକ ସାହୁ ପ୍ରମୁଖ ଦାୟିତ୍ୱ ପାଇଥିବା ବେଳେ ଶେଷରେ ଜିଲା ସହ ସଂଯୋଜକ ସୁଜିତ କୁମାର ଖଡ଼ିରତ୍ନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ଦେବଗଡ଼, ୧୨।୧୧(ଡି.ଏନ.ଏ.)

ବିଷ ପିଇ ଜଣେ ମହିଳା ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଦେବଗଡ ଜିଲା ବାରକୋଟ ଥାନା ଅନ୍ତର୍ଗତ ସଇଡା ଗ୍ରାମରେ ଶନିବାର ସକାଳୁ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କୌଣସି କାରଣରୁ ଗ୍ରାମର ସବିତା ଲୁହୁରା ସକାଳୁ ବିଷ ଖାଇ ଦେଇଥିଲେ। ପରେ ଗୁରୁତର ହୋଇ ପଡିବାରୁ ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଅବସ୍ଥା ଅଧିକ ଗୁରୁତର ହେବାରୁ ଡାକ୍ତର ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ମାତ୍ର ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା। ତେବେ ସବିତା କେଉଁ କାରଣରୁ ବିଷ ଖାଇ ଆତ୍ମହତ୍ୟା କଲେ ସ୍ପଷ୍ଟ ହୋଇନଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଜଣାପଡିଛି ।

# ମନୋରମା କ୍ଲବ ପକ୍ଷରୁ ଫୁଟ୍‌ବଲ ଟୁର୍ନାମେଣ୍ଟ

ଦେବଗଡ଼, ୧୨।୧୧(ଡି.ଏନ.ଏ.)

ମଠସାହି ସ୍ଥିତ ମନୋରମା କ୍ଲବ ଆନୁକୁଲ୍ୟରେ ଛାତଖାଇ ଉପଲକ୍ଷେ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳର ୧୬ଟି ଟିମ୍‌କୁ ନେଇ ଚାଲିବ। ପ୍ରଥମ ପୁଲ ଏ ରୁ ଟିକିଲିପଡା ମନୋରମା କ୍ଲବକୁ ୧-୦ ରେ ହରାଇ ଫାଇନାଲରେ ପ୍ରବେଶ କରିଛି। ରେଫରୀ ଭାବେ ଅଶ୍ୱିନୀ ବରିହା, ସୌରଭ ନାୟକ, ଟୁକୁନା ଗଡତିଆ, ସୁବାଷ ନାୟକ, ଦେବେନ୍ଦ୍ର ନାୟକ, ଦିନ ମୁଣ୍ଡା ରହିଥିଲେ। ଉଦ୍‌ଘାଟନି ଉତ୍ସବରେ ମୁଖ୍ୟ ଅତିଥି ବିଧାୟକ ସୁଭାଷ ଚନ୍ଦ୍ର ପାଣିଗ୍ରାହୀ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ରୋହିତ ଗଙ୍ଗଦେବ, ସୌଭାଗ୍ୟ ପାତ୍ର, ବାବି ପ୍ରଧାନ, ଜିଲା କ୍ରୀଡା ସମ୍ପାଦକ ଧୀରେନ ନାୟକ ଉପସ୍ଥିତ ଥିଲେ। ଉକ୍ତ ଟୁର୍ନାମେଣ୍ଟରେ ପ୍ରଦୀପ ବେହେରା, କିଶୋର ବେହେରା,ଅନନ୍ତ ମେହେର୍, ଶରତ ମେହେର୍, ଅରୁଣ ଟାଲି, ରୂପକ ମାଝୀ, ରମଣୀ ରଞ୍ଜନ ଆଚାର୍ଯ୍ୟ, କାଳିଆ ମାଝୀ, ରୋମାଞ୍ଚିଲ ବେହେରା, ଭୋଳା ବେହେରା, ଶ୍ୟାମ ସୁନ୍ଦର ପଟ୍ଟନାୟକଙ୍କ ସମେତ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ। ରବିବାର ପୁଲ ବିର ମ୍ୟାଚ ଅନୁଷ୍ଠିତ ସହ ଫାଇନାଲ ମ୍ୟାଚ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ମିଳିଛି।


ମନୋରମା କ୍ଲବ ଆନୁକୁଲ୍ୟରେ ଫୁଟବଲ ଟୁର୍ନାମେଣ୍ଟରେ ଅତିଥି, ଖେଳାଳି।

# ଶିକାରୀ ବିଛାଇଥିବା ବିଦ୍ୟୁତ୍ ତାର ଲାଗି ମୃତ ଘଟଣାରେ ୯ ଗିରଫ

ଦେବଗଡ଼/ରିଆମାଳ, ୧୨।୧୧(ଡି.ଏନ୍.ଏ.)


ବିଦ୍ୟୁତ୍ ତାର ବିଛାଇ ଗିରଫ ହୋଇଥିବା ୯ଜଣ।

ଦେବଗଡ଼ ଜିଲା ରିଆମାଳ ଥାନା ତାରଙ୍ଗ ପଞ୍ଚାୟତ ଅନ୍ତର୍ଗତ ନିଶାବିରା ଗ୍ରାମରେ ବନ୍ୟପ୍ରାଣୀ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପୋଲିସ ୯ ଶିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ସେହି ଗ୍ରାମର ବିଷ୍ଣୁ ପ୍ରଧାନ(୩୭), ତଅଁଲୁ ସାହୁ(୨୫), ପ୍ରତାପ କିଷାନ(୨୬) (ବାଙ୍ଗୁରୁ), ତନୁ ପ୍ରଧାନ(୩୫), ବିକାଶ କିଷାନ(୨୮), କାଇଁସର ଗ୍ରାମର ଅର୍ଜୁନ ପ୍ରଧାନ(୩୬), ପ୍ରମୋଦ ପ୍ରଧାନ(୩୫) (ପରି), ନିଶାବିରା ନୂଆଁସାହିର ମାନସ ସାହୁ(୩୨) ଓ ବାବୁଲି ସାହୁ (୩୫)। ଖବର ମୁତାବକ ତାର ସଂସ୍ପର୍ଶରେ ଆସି ସେହି ଗ୍ରାମର ଦେବ ସାହୁ (୫୦)ଙ୍କ ମୃତ୍ୟୁ ହୋଇଥିଲା। ମଙ୍ଗଳବାର ସକାଳେ ପରିବାର ଓ ଗ୍ରାମବାସୀ ଜାଣିଥିଲେ। ସଙ୍ଗେ ସଙ୍ଗେ ଦେବର ପୁଅ କୁନା ସାହୁ(୨୫) ରିଆମାଳ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ରିଆମାଳ ଥାନା ଅଧିକାରୀ ଲଳିତା ପ୍ରଧାନ ସଦଳବଳେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ଶବକୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।୧୦ ଜଣ ଶିକାରୀ ମିଶି ଏପରି ବେଆଇନ ଭାବେ ଶିକାର ପାଇଁ ତାର ବିଛାଇଥିବା ପକ୍ଷରୁ ତଦନ୍ତରୁ ଜାଣିଥିଲା। ଏହି ମାମଲା ଥାନା ଅଧିକାରୀ ପ୍ରଧାନ ହାତକୁ ନେଇ ଜୋରଦାର ତଦନ୍ତ ଚଳାଇଥିଲେ। ନିଶାବିରା ଓ ନିକଟସ୍ଥ କାଇଁସର ଗ୍ରାମର ଶିକାରୀ ସାମିଲ ଥିବା ଜଣାପଡ଼ିଥିଲା। ଘଟଣା ଘଟାଇ ଶିକାରୀମାନେ ନିଶାବିରା ପାଣ୍ଡୁନାଳୀ କଣ୍ଟା ଜଙ୍ଗଲରେ ଲୁଚି ଥିବା ପୋଲିସ ଜାଣିବାକୁ ପାଇଥିଲା। ଶନିବାର ସକାଳେ ଥାନା ଅଧିକାରୀଙ୍କ ସହ ପୋଲିସ ଟିମ୍ ଉକ୍ତ ସ୍ଥାନରେ ପହଞ୍ଚି ଚଢାଉ କରିଥିଲେ। ଦୁଇ ଦଳ ହୋଇ ଶିକାରୀମାନେ ଲୁଚି ରହିଥିଲେ। ପୋଲିସ ସେମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ସେମାନଙ୍କ ପାଖରୁ ଏକ ଦେଶୀ ବନ୍ଧୁକ, ଟାଙ୍ଗିଆ, ୫ଶହ ମିଟର ବିଦ୍ୟୁତ ତାର, ୧ଶହ ମିଟରର ଆଲୁମିନିୟମ ତାର,ବିଦ୍ୟୁତ ତାର ରେ ହୁକ ପାଇଁ ବ୍ୟବହାର ହେଉଥିବା ବାଉଁଶ,କାଠ ଓ ବାଉଁଶରେ ତିଆରି ୧୬ଟି କାଠି, ୩ଟି ମୋବାଇଲ ଫୋନ, ୬ଟି ଖାଲି ବିଅର ବୋତଲ,୨୨ଲିଡ ପ୍ଲେଟ ଜବତ କରାଯାଇଛି।

**ମାତାପିତାଙ୍କ ଚରଣ ବନ୍ଦନା କାର୍ଯ୍ୟକ୍ରମ**

ଦେଓଗାଁ,(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଲଣ୍ଡାପଥର ପଞ୍ଚାୟତ ରୁଗୁଡିପାଲି ଗାଁରେ ଶନିବାର ଷାଠିଘର ତୁମାଳ ସମାଜ ପକ୍ଷରୁ ମାତାପିତାଙ୍କ ଚରଣ ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ହୁତାଶନ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜଗନ୍ନାଥ କରଣ, ସମ୍ମାନୀତ ଅତିଥି ସମ୍ପାଦକ ତମ୍ବରୁଧର ଡାଙ୍ଗ, ଈଶ୍ୱର କରଣ, ବରୁଣ ବଘାର, ଧରଣୀଧର ପାତ୍ର ପ୍ରମୁଖ ଯୋଗଦେଇଥିଲେ ।

**ସଂକ୍ଷେପରେ**

## ଓଜେଏସ ୨୫ତମ ର୍ୟାଙ୍କ୍‌ରେ ପୁଣ୍ୟଶ୍ଳୋକ

ଟିଟିଲାଗଡ,୧୨।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରର ପୁଣ୍ୟଶ୍ଳୋକ ଦାଶ ଓଜେଏସ ପରୀକ୍ଷାରେ



କୃତକାର୍ଯ୍ୟ ହୋଇଛନ୍ତି। ସ୍ୱାଧୀନ ପଡା ନିବାସୀ ତଥା ବିଜେପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ଦାଶ ଏବଂ ଘଣ୍ଟାଶୁନି ସ୍କୁଲ ଶିକ୍ଷୟିତ୍ରୀ ସୁମିତ୍ରା ଦାଶଙ୍କ ଜ୍ୟେଷ୍ଠପୁତ୍ର ପୁଣ୍ୟଶ୍ଳୋକ ଓଜେଏସ ପରୀକ୍ଷାରେ ଅଣସଂରକ୍ଷିତ ବର୍ଗରେ ୨୫ତମ ର୍ୟାଙ୍କ ରଖିଛନ୍ତି ପୁଣ୍ୟଶ୍ଳୋକ ପ୍ରଭାବତୀ ପବ୍ଲିକ ସ୍କୁଲ, ବଡ଼ମାଲ କେନ୍ଦ୍ରୀୟ ବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ସମାପ୍ତି ପରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ବିଶାଖାପାଟଣାରେ ତୃତୀୟ ସ୍ଥାନରେ ସମ୍ମାନ ସହ ଏଲଏଲବି ଡିଗ୍ରୀ ହାସଲ କରିଥିଲେ। ଟିସ ମୁମ୍ବାଇରୁ ଏଲଏଲଏମ ଡିଗ୍ରୀ ସହ ଟପ୍ପର ହୋଇଥିଲେ। ନେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ପରେ ସେ ବର୍ତ୍ତମାନ ବିର୍ଲା ଆଇନ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରେ ସହକାରୀ ପ୍ରଫେସର ଭାବରେ କାର୍ଯ୍ୟରତ ଅଛନ୍ତି। ପୁଣ୍ୟଶ୍ଳୋକଙ୍କ ସଫଳତା ନେଇ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ବିଚାରପତି ରାଧାକାନ୍ତ ପାଢ଼ୀ, ବିଚାରପତି ପଲ୍ଲବୀ ସାହୁ, ଅବସରପ୍ରାପ୍ତ ଟିଟିଲାଗଡ଼ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ ଡ଼. ଛାୟାକାନ୍ତ ଷଡ଼ଙ୍ଗୀ, ପ୍ରଭାବତୀ ସ୍କୁଲ ଅଧକ୍ଷା ଡ଼ଃ ସୁନନ୍ଦା ଜତି, ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ ଶୁଭେଚ୍ଛା ଜଣାଇଛନ୍ତି।

## ରାଷ୍ଟ୍ରୀୟ ଲୋକ ଅଦାଲତ, ୬୬୯ ମାମଲାର ବିଚାର

ଟିଟିଲାଗଡ,୧୨।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ସ୍ଥାନୀୟ ଏଡିଜେଙ୍କ କୋର୍ଟରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଦୌରା ଏବଂ ସେସନ ଜଜ ରାଜକିଶୋର ମହାପାତ୍ର, ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ପଣ୍ଡା, ସବ୍‌ଜଜ ରମାକାନ୍ତ ମହାନ୍ତି, ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ, ଏସ୍‌ଡ଼ିଜେଏମ ଅନ୍ନପୂର୍ଣ୍ଣା ଷଡ଼ଙ୍ଗୀ, ଆଇନଜୀବୀ ମନୋଜ ହାତୀ, ଜେଏମ୍‌ଏଫସି ଲିପସା ରାଉତ, ଆଇନଜୀବୀ ସୁରେନ ପଣ୍ଡା ପ୍ରମୁଖଙ୍କୁ ନେଇ ଗଠିତ ଚାରୋଟି ବେଞ୍ଚ ବୈବାହିକ କଳହ, ଦୁର୍ଘଟଣାରେ ମୃତ ପରିବାରଙ୍କୁ କ୍ଷତିପୂରଣ, ରାଜସ୍ୱ ସମେତ ପ୍ରାକ ମକଦମାର ବିଚାର କରିଥିଲେ। ମୋଟ ୬୬୯ ବିଭିନ୍ନ ମାମଲା ବିଚାର ପାଇଁ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୧୯୫ ମାମଲାର ବେଞ୍ଚରେ ଚୂଡାନ୍ତ ରାୟ ପ୍ରକାଶ ପାଇଥିଲା । ମୋଟ ୨୦ଲକ୍ଷ ୯୮,୨୦୮ ଟଙ୍କା ଅର୍ଥରାଶି ଆଦାୟ ହୋଇଥିବା ଜଣାପଡିଛି।

## ନିଆଁଲାଗି ଜଳିଗଲା ଦୋକାନ

ଦେଓଗାଁ,୧୨।୧୧ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ମହଲେଇ ଗାଁରେ ଥିବା ଏକ ଫେନ୍ସି ଏବଂ କମ୍ପ୍ୟୁଟର ଅନଲାଇନ ଦୋକାନରେ ଶନିବାର ସନ୍ଧ୍ୟାରେ ନିଆଁ ଲାଗି ଜଳିଯାଇଛି। ପୋଡି ଯାଇଥିବା ସାମଗ୍ରୀର ଆନୁମାନିକ ମୂଲ୍ୟ ୫ଲକ୍ଷରୁ ଉର୍ଦ୍ଧ୍ୱ ହେବ। ସୂଚନା ଅନୁସାରେ ମହଲେଇର ନିତ୍ୟାନନ୍ଦ ବିଶ୍ୱାଲଙ୍କ ଦୋକାନରେ ସନ୍ଧ୍ୟାରେ ହଠାତ୍ ନିଆଁ ଲାଗିଯାଇଥିଲା। ଦେଓଗାଁ ଦମକଳ ବାହିନୀ ବିଳମ୍ବରେ ପହଞ୍ଚିଲା ବେଳକୁ ଦୋକାନରେ ଥିବା କମ୍ପ୍ୟୁଟର, ଫ୍ରିଜ, ଡିଫ୍ରିଜର, ଇନଭର୍ଟରେ, ଫେନ୍ସି ସାମଗ୍ରୀ, ବହିଖାତା ଆଦି ଜଳି ଯାଇଥିଲା ।

## ଦୁର୍ଘଟଣାଗ୍ରସ୍ତ ବାଇକ ଆରୋହୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କଲେ ଯୁବଗୋଷ୍ଠୀ

ଲୋଇସିଂହା,୧୨।୧୧(ଡି.ଏନ.ଏ): ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥର ଲୋଇସିଂହା ଥାନା ଝାରବନ୍ଧଲି ଗ୍ରାମ ନିକଟରୁ ଦୁର୍ଘଟଣାରେ ଗୁରୁତର ଜଣେ ବାଇକ ଆରୋହୀଙ୍କୁ ସ୍ଥାନୀୟ ଯୁବଗୋଷ୍ଠୀ ଶନିବାର ସକାଳେ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦୁର୍ଘଟଣାଗ୍ରସ୍ତ ବାଇକ ଆରୋହୀ ହେଲେ ବଲାଙ୍ଗୀର ତାଳପାଲିପଡାର ସୁଧୀର ଦୀପ। ସୁଧୀର ବାଇକ( ଓଡିଠ୩ ଏଚ ୩୦୨୫)ରେ ଶୁକ୍ରବାର ରାତିରେ ବରଗଡ ଯାଉଥିଲେ। ଝାରବନ୍ଧଲି ନିକଟ ନିର୍ମାଣାଧୀନ କଲଭର୍ଟ ନିକଟରେ ସେ ଭରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ପଡିଯାଇଥିଲେ । ରାତି ହୋଇଥିବାରୁ ତାଙ୍କୁ କେହି ଦେଖିପାରି ନ ଥିଲେ। ଶନିବାର ସକାଳେ ଝାରବନ୍ଧଲି ଗ୍ରାମର ସୁଜିତ କରନ, ରଞ୍ଜନ ଭୋଇ, ଗୋବିନ୍ଦ ରାଉତ ଓ ଆକାଶ ବାଗ ପ୍ରାତଃ ଭ୍ରମଣରେ ଯାଉଥିବାବେଳେ ରାସ୍ତା ପାର୍ଶ୍ୱରେ ମୂମୁର୍ଷୁ ଅବସ୍ଥାରେ ପଡି ରହିଥିବା ଦେଖି ଲୋଇସିଂହା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ । ଅଙ୍ଗିଶମ ବିଭାଗ ସହାୟତାରେ ସେମାନେ ସୁଧୀରଙ୍କୁ ଉଦ୍ଧାର କରି ଡାକ୍ତରଖାନା ଆଣିଥିଲେ ।

# ଘରଭଙ୍ଗାକୁ ବିରୋଧ, ଫେରିଲା ପ୍ରଶାସନ

**ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ**

■ଅଧିକ ସମୟ ମାଗିଲେ ଚୁଡାପାଲି ପ୍ରକଳ୍ପ ପ୍ରଭାବିତ

ବଲାଙ୍ଗୀର ଅଫିସ,୧୨।୧୧

ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପ୍ରଭାବିତ ବଲାଙ୍ଗୀର ସଦର ବ୍ଲକ ଚୂଡାପାଲି ଗ୍ରାମରେ ଉଚ୍ଛେଦ କାର୍ଯ୍ୟ କରିବାକୁ ପ୍ରଶାସନିକ ଟିମ୍ ଶନିବାର ଗାଁରେ ପହଞ୍ଚିଥିଲା। ଏହାକୁ ଗ୍ରାମବାସୀ ତୀବ୍ର ବିରୋଧ କରିଥିଲେ। ବଲାଙ୍ଗୀର-ପାଟଣାଗଡ ୪୨ ନମ୍ବର ରାଜ୍ୟ ରାଜପଥର ଚୁଡାପାଲି ଗାଁମୁଣ୍ଡରେ ପ୍ରଶାସନିକ ଉଚ୍ଛେଦକାରୀ ଟିମ୍‌କୁ ପଶି ଦେଇ ନ ଥିଲେ। ଘର ଖାଲି କରିବା ପାଇଁ ଜିଲା ପ୍ରଶାସନକୁ ଅଧିକ ସମୟ ମାଗିବା ସତ୍ତ୍ୱେ କିଭଳି ଭାବେ ଏହି ଟିମ୍ ଉଚ୍ଛେଦ କରିବାକୁ ଆସିଛି ବୋଲି ଲୋକେ ପ୍ରଶ୍ନ କରିଥିଲେ। ସେଠାରେ ଉଚ୍ଛେଦକାରୀ ଟିମ୍ ଏବଂ ଲୋକଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା।

ଖବର ପାଇ ଉପଜିଲାପାଳ ତଥା ଲୋୟର ସୁକ୍‌ତେଲ ପ୍ରକଳ୍ପ ଭୂମି ଅଧିଗ୍ରହଣ ଅଧିକାରୀ କୁମାର ନାଗଭୂଷଣ ଏବଂ ସଦର ଏସ୍‌ଡିପିଓ ତୋଫାନ ବାଗ ଘଟଣାସ୍ଥଳରେ ପହଞ୍ଚିଥିଲେ। ଲୋକଙ୍କୁ ବୁଝାଶୁଝା କରିଥିଲେ। ପ୍ରକଳ୍ପ ସମର୍ଥକ ହେବା ସତ୍ତ୍ୱେ ପ୍ରଶାସନ ସେମାନଙ୍କୁ କିଭଳିଭାବେ ଅଧିକ ସମୟ ଦେଉନାହିଁ ବୋଲି କହିଥିଲେ। ଘର ଖାଲି କରିବା ପାଇଁ ସେମାନଙ୍କୁ ଅତି କମ୍‌ରେ ୬ ମାସ ସମୟ ଦିଆଯାଉ ବୋଲି କହିଥିଲେ। ଉପଜିଲାପାଳ ନାଗଭୂଷଣ



ଚୂଡାପାଲି ଠାରେ ପ୍ରଶାସନିକ ଟିମ୍ ସହ ଆନ୍ଦୋଳନକାରୀମାନେ ଆଲୋଚନା କରୁଛନ୍ତି।

ଆଉ ଅଧିକ ସମୟ ଦିଆଯାଇ ପାରିବନାହିଁ ବୋଲି କହିଥିଲେ। ଏହାପରେ ସେଠାରେ ଉଚ୍ଚବାଚ ପରିସ୍ଥିତି ଉପୁଜିଥିଲା। ଲୋକେ କୌଣସି ପରିସ୍ଥିତିରେ ଜେସିବି ମେଶିନ୍‌କୁ ଏବଂ ଉଚ୍ଛେଦକାରୀ ଟିମ୍‌କୁ ଚୁଡାପାଲି ଗାଁ ଭିତରକୁ ପଶିବାକୁ ଦେବେନାହିଁ ବୋଲି କହିଥିଲେ। ଏହାପରେ ଏସ୍‌ଡିପିଓ ବାଗ ଏବଂ ଉପଜିଲାପାଳ ନାଗଭୂଷଣ ଲୋକଙ୍କୁ କହିଥିଲେ ଯେ, ଆଜି କେବଳ ଘର ଚିହ୍ନଟ ପ୍ରକ୍ରିୟା କରାଯିବ। ଏହାପରେ ଉଭୟ ପକ୍ଷଙ୍କ ସହମତିରେ ଆଉ ଗୋଟିଏ ମାସ ଭିତରେ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରୁ ଘରଖାଲି କରିବାକୁ ରାଜି ହୋଇଥିଲେ। ଏହାପରେ ଜେସିବି ମେଶିନ ସେଠାରୁ ଫେରିଯାଇଥିଲା।

ପୂର୍ବାହ୍ନ ୯ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଚୁଡାପାଲିଠାରେ ପ୍ରକଳ୍ପ ପ୍ରଭାବିତ ଏବଂ ପ୍ରଶାସନିକ ଟିମ୍ ମଧ୍ୟରେ ତୁତୁ ମେମେ ଚାଲିଥିଲା। ଦୀର୍ଘ ଆଲୋଚନା ପରେ ଉଭୟେ ଗୋଟିଏ ସିଦ୍ଧାନ୍ତରେ ପହଞ୍ଚି ସେଠାରୁ ଫେରିଥିଲେ। ଏସ୍‌ଡିପିଓ ଏବଂ ଉପଜିଲାପାଳଙ୍କ ସହ ଚୂଡାପାଲିର କୁଳମଣି ମେହେର, ନିରଞ୍ଜନ ମିଶ୍ର, ଅନୀଲ ଅଗ୍ରୱାଲ, ଦିନେଶ ପଟେଲ, ଅଶ୍ୱିନୀ ନାୟକ ଆଲୋଚନା କରିଥିଲେ। ସେମାନେ ଘରଛାଡିବାକୁ ଲୋକଙ୍କୁ ଅଧିକ ସମୟ ଦେବାକୁ ପଡିବ। ଏବେ ଅନେକ ଛୋଟସ୍କୁଲ ପିଲାଙ୍କ ପରୀକ୍ଷା ସମୟ ରହିଛି ସେମାନେ କେଉଁଠି ପଢ଼ିବେ। ଲୋକଙ୍କୁ ଭଡାଘର ମିଳୁନାହିଁ, କେଉଁଠିକି ଯିବେ ବୋଲି ପ୍ରଶ୍ନ କରିଥିଲେ। ଅନେକ ଲୋକଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ମିଳିନାହିଁ, ଥଇଥାନ ବ୍ୟବସ୍ଥା ହୋଇନାହିଁ କିଭଳି ଘର ଛାଡିବେ ବୋଲି ପ୍ରଶ୍ନ କରିଥିଲେ। ଲୋୟର ସୁକ୍‌ତେଲ ପ୍ରକଳ୍ପ କାମ ଏବେ ଜୋରସୋରରେ ଚାଲିଛି। ୨୦୦୧ ମସିହାରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଦ୍ୱାରା ୨୯ଟି ଗାଁ ପ୍ରଭାବିତ ହେବ। ସେଥିରୁ ଚଳଡାପାଲି ଆଂଶିକ ପ୍ରଭାବିତ ଗାଁ ଭାବେ ଚିହ୍ନଟ ହୋଇଛି। ଚୁଡାପାଲିର ୨୫୮ ପରିବାରର ଘରଦ୍ୱାର ଉଚ୍ଛେଦ କରିବାକୁ ଆଜି ପ୍ରଶାସନିକ ଟିମ୍ ଚୂଡାପାଲି ଆସିଥିଲା। ପ୍ରଶାସନିକ ଟିମ୍ ଫେରିବା ପରେ ଲୋକେ ଆଶ୍ୱସ୍ତ ହୋଇଛନ୍ତି।

## ୮ ଦାଦନ ଶ୍ରମିକ ଉଦ୍ଧାର

ଖପ୍ରାଖୋଲ,୧୨।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ଗୁର୍ଜିଭଟା ଗ୍ରାମ ନିକଟରେ ବେଆଇନ ଦାଦନ ଚାଲାଣ ହେଉଥିବା ସମୟରେ ପୋଲିସ ଚଢ଼ାଉ କରି ୮ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। କେତେକ ଶ୍ରମିକଙ୍କୁ ନେଇ ଦ୍ରୁତଗତିରେ ଯାଉଥିବା ଏକ ବୋଲେରୋ (ନଂ.ଓଡ଼ି ୩୧ ଇ ୫୪୪୪)କୁ ପାଟ୍ରୋଲିଂ ପୋଲିସ ଖପ୍ରାଖୋଲ-ଲାଠୋର ରାସ୍ତାର ବଡ଼ଗୁର୍ଜିଭଟା ନିକଟରେ ଅଟକାଇଥିଲା। ପଚରାଉଚରା ବେଳେ ବେଆଇନ ଦାଦନ ଚାଲାଣ ହେଉଥିବା ଜାଣି ଗାଡ଼ି ସହ ଶ୍ରମିକଙ୍କୁ ଥାନାକୁ ଆଣିଥିଲା। ଉଦ୍ଧାର ଶ୍ରମିକମାନେ ସୁବର୍ଣ୍ଣପୁର ଜିଲାର ବୋଲି ପୋଲିସ କହିଛି। ସେମାନଙ୍କୁ ଆନ୍ଧ୍ର ପ୍ରଦେଶ ପଠା ଯାଇଥାନ୍ତାପରେ ଉଦ୍ଧାର ଶ୍ରମିକଙ୍କୁ ନିଜ ଗାଁକୁ ପଠାଇ ଦିଆଯିବ ବୋଲି ପୋଲିସ କହିଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୧୮୭/୨୨)ରୁଜୁ ହୋଇଛି। ଦାଦନ ସର୍ଦ୍ଦାରଙ୍କ ସମ୍ପର୍କରେ ପଚରାଉଚୁରା ଚାଲିଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

# ତେନ୍ତୁଲିଖୁଣ୍ଟି, କାଳସେପାଲି ବିଜୟୀ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**ତ୍ରିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ଲୋଇସିଂହା,୧୨।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଲ୍ଲୀ ଆଲୋକ ପାଠାଗାର ଆନୁକୂଲ୍ୟରେ ପଞ୍ଚାୟତ ହାଇସ୍କୁଲ ମିନି ଷ୍ଟାଡିୟମରେ ତ୍ରିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଦିବସରେ ଏ ଗ୍ରୁପର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ତେନ୍ତୁଲିଖୁଣ୍ଟି ଓ କାଳସାଏପାଲି ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସୋମବାର ଉଭୟ ଦଳ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ଉଦ୍‌ଘାଟନୀ ଖେଳ ଜାରିଙ୍ଗ ଓ ତେନ୍ତୁଲିଖୁଣ୍ଟି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୩-୦ ଗୋଲରେ ଜାରିଙ୍ଗକୁ ତେନ୍ତୁଲିଖୁଣ୍ଟି ହରାଇଥିଲା । ସେହିପରି ଅମାମୁଣ୍ଡା ଓ କାଳସାଏପାଲି ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଅମୀମାଂସିତ ରହିଥିଲା। ଟାଇବ୍ରେକରରେ କାଳସାଏପାଲି ବିଜୟୀ ହୋଇଛି। କିଶୋର ଧରୁଆ, ଦଳଗୋବିନ୍ଦ ମୁଣ୍ଡା, ଉପେନ୍ଦ୍ର ଚନ୍ଦନ, ଡାକ୍ତର ଭୋଇ,ସୀତାରମ ପଧାନ ଖେଳ ପରିଚାଳନା କରିଥିଲେ। ଉଦଘାଟନୀ ଉତ୍ସବରେ ଅନୁଷ୍ଠାନ ସମ୍ପାଦକ ପ୍ରଶାସନ ନାୟକ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ସରପଞ୍ଚ ବୃନ୍ଦାବନ ସେଠ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନେ କରିଥିଲେ। ପ୍ରଧାନଶିକ୍ଷକ ଭାଗବତିଆ ସାହୁ, ପ୍ରାକ୍ତନ ଶିକ୍ଷକ ବ୍ରଜମୋହନ ତ୍ରିପାଠୀ, ଉମାକାନ୍ତ ପଟେଲ, ସଦାନନ୍ଦ ପଶାୟତ, ଲଳିତମୋହନ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ।

## ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ଲୋଇସିଂହା,୧୨।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଜେଏମଏଫସି କୋର୍ଟ ପରିସରରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ୱଜାଳି ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଠାରେ ୨ଟି ପାରିବାରିକ ମାମଲା ସମେତ ୧୦ଟି ଅନ୍ୟାନ୍ୟ ମାମଲାର ସମାଧାନ ହୋଇଥିଲା। ୨୦୧୫ମସିହାରେ ଝାରବନ୍ଧଲି ଓ ୨୦୧୮ ମସିହାରେ ଭରସୁଜା ଅଞ୍ଚଳର ୨ଜଣେ ମହିଳା ଘରୋଇ ହିଂସା ନେଇ ଜିଲା ସାମଜିକ ସୁରକ୍ଷା ଅଧିକାରୀଙ୍କ ନିକଟରେ ଫେରାଦ ହୋଇଥିଲେ। ଉଭୟ ମାମଲାର ଦମ୍ପତି ରାଷ୍ଟ୍ରୀୟ ଲୋକ ଅଦାଲତରେ ହାଜର ହୋଇଥିଲେ । ସେହିଦନର ରାଗ ଓ ଦ୍ୱେଷକୁ ଭୁଲି ଯାଇ ପୁଣି ମିଳାମିଶା କରିବାକୁ ଅଧ୍ୟକ୍ଷାଙ୍କ ଆଗରେ ସହମତି ପ୍ରକାଶ କରିଥିବା ଜଣାଯାଇଛି। ଏହି କାର୍ଯ୍ୟକ୍ରମକୁ ସରକାରୀ ଓକିଲ ପ୍ରୀତିରଞ୍ଜନ ସାହୁ, ଓକିଲ ଶଶାଙ୍କ ଶେଖର ଭୋଇ, ପ୍ରବୀଣ ତ୍ରିପାଠୀ, ସମ୍ପଦ ପୋଡଙ୍କ ସମେତ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

## ବିଭିନ୍ନ ସମସ୍ୟା ପ୍ରଶାସନ ଦୃଷ୍ଟିକୁ ଅଣାଯିବ

ବଲାଙ୍ଗୀର ଅଫିସ,୧୨।୧୧

ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘର ନବଗଠିତ କର୍ମକର୍ତ୍ତାଙ୍କ ପ୍ରଥମ ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକ ସଂଘ ପାଠାଗାର ପରିସରରେ ସଭାପତି ଶିବପ୍ରସାଦ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀଙ୍କ ସ୍ୱାଗତ ଭାଷଣ ପରେ ସଂଘର ଦିବଙ୍ଗତ ସଦସ୍ୟମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରାରମ୍ଭରେ କାର୍ଯ୍ୟକାରୀ କମିଟି ସଦସ୍ୟ ସଙ୍ଗଠନ ପ୍ରତି ନିଜ ନିଷ୍ଠା ଓ ପରାକାଷ୍ଠା ପାଇଁ ଶପଥ ପାଠ କରିଥିଲେ। ସଂଘ ଆଗାମୀ ଦୁଇବର୍ଷ ପାଇଁ ଉନ୍ନୟନମୂଳକ କାର୍ଯ୍ୟ ସାଙ୍ଗକୁ ସାଙ୍ଗଠନିକ କାର୍ଯ୍ୟକ୍ରମ କିପରି ଆଗକୁ ଦିଆଯିବ ସେ ଉପରେ ଆଲୋଚନା କରାଯାଇ ପ୍ରସ୍ତାବ ଗୃହୀତ ହୋଇଥିଲା । ଜିଲାରେ ଥିବା ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନାଚକ୍ର କିମ୍ବା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ଭଳି ପଦକ୍ଷେପ ଗ୍ରହଣ କରିବାକୁ ଉପଦେଷ୍ଟାମାନେ ମତ ଦେଇଥିଲେ । ଆଗାମୀ ଦିନରେ ଜିଲାର ଖପ୍ରାଖୋଲ, ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ଏବଂ ଗୁଡଭେଲା ବ୍ଲକ ଅଞ୍ଚଳ ଗୁଡିକରେ ସଂଘ କାର୍ଯ୍ୟକାରିଣୀ ବୈଠକ କରାଯିବା ସାଙ୍ଗକୁ ସେଠାରେ ସ୍ଥାନୀୟ ଲୋକଙ୍କୁ ସଚେତନ କରିବା ନେଇ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ବୈଠକରେ ସଂଘ ଉପଦେଷ୍ଟା ଗୋପବନ୍ଧୁ ଶତପଥୀ, ନବୀନ ପଶାୟତ, ସୁବାସ ଚନ୍ଦ୍ର ପଣ୍ଡା, ସୋମନାଥ ଆଚାର୍ଯ୍ୟ, ସୁଧୀର ଚନ୍ଦ୍ର ପଣ୍ଡା, ଉପଦେଷ୍ଟା ତଥା ପୂର୍ବତନ ସଭାପତି ହରି ନାରାୟଣ ପୂଝାରୀ, ଉପସଭାପତି ବଳରାମ ମିଶ୍ର, ଲକ୍ଷ୍ମୀକାନ୍ତ ମିଶ୍ର, ଦୀପକ ସମ୍ପାଦାର, ସମ୍ପାଦକ ସଞ୍ଜୟ ବେହେରା, ରଞ୍ଜିତ ବେହେରା, ଅଭୟ ତ୍ରିପାଠୀ, ସଙ୍ଗଠନ ସମ୍ପାଦକ ଶରତ ଚନ୍ଦ୍ର ମିଶ୍ର, କୋଷାଧକ୍ଷ ସୁନୀଲ ମହାନ୍ତି, କାର୍ଯ୍ୟକାରୀ କମିଟି ସଦସ୍ୟ ଶରତ ଚନ୍ଦ୍ର ମହାକୁର, ବୀରେନ୍ଦ୍ର କୁମାର ଝାଙ୍କର, ଚନ୍ଦ୍ରଭାନୁ ମୋଲାଣା, ବିମଳ ଚନ୍ଦ୍ର ହୋତା ସୁଚିନ୍ତିତ ମତାମତ ଦେଇ ସଙ୍ଗଠନକୁ ଆଗେଇ ନେବାକୁ ପ୍ରସ୍ତାବ ଦେଇଥିଲେ।



ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ସଦସ୍ୟ।

## ଜିଲା କାରାଗାରରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ବଲାଙ୍ଗୀର ଅଫିସ,୧୨।୧୧: ଶ୍ରୀ ଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ବଲାଙ୍ଗୀର ଜିଲା କାରାଗାରରେ ଶ୍ରୀ ଅରବିନ୍ଦ ପାଠଚକ୍ର ସଙ୍ଗଠନ ପକ୍ଷରୁ ଏକ ଆଧ୍ୟାତ୍ମିକ ଆଲୋଚନା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। କାରାଗାର ଅଧୀକ୍ଷକ ସର୍ବେଶ୍ୱର ସାହୁ ସ୍ୱାଗତ ଜଣାଇଥିଲେ। ପାଠଚକ୍ର ସଙ୍ଗଠନ ଆବାହକ ମଦନ ମୋହନ ଦାନୀ କାରାଗାର ଅନ୍ତେବାସୀଙ୍କୁ ସମ୍ବୋଧିତ କରି ଅରବିନ୍ଦଙ୍କ ଜୀବନୀ, ସ୍ୱାଧୀନତା ସଂଗ୍ରାମ ଏବଂ ଦେଶପ୍ରୀତି ବିଷୟରେ ବୁଝାଇଥିଲେ। ପୁରୀସ୍ଥିତ ସହଯୋଗୀ ଆରୋମୀରା ଟ୍ରଷ୍ଟ ପକ୍ଷରୁ ରାଜସୁନାଖଳା ଅରବିନ୍ଦ ଦିବ୍ୟଚେତନା ଆଶ୍ରମ ସଞ୍ଚାଳକ ସୁନୀଲ କୁମାର ପୃଷ୍ଟି ବିଭିନ୍ନ ଉଦାହରଣ ସହ ପ୍ରତ୍ୟେକ ବ୍ୟକ୍ତି କିଭଳି ଭଗବାନଙ୍କ ସହ ସମ୍ପୃକ୍ତ ସେ ବିଷୟରେ ଅବଗତ କରିଥିଲେ। ଏହି ଅବସରରେ ଅନ୍ତେବାସୀଙ୍କୁ ଅରବିନ୍ଦଙ୍କ ବାଣୀ ଏବଂ ପୁସ୍ତକ ବଣ୍ଟନ କରାଯାଇଥିଲା। ଶିକ୍ଷାବିତ୍ ଟଙ୍କଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ରାମ ରୋଜଗାର ସେବକ ସଂଘ ବୈଠକ

ଖପ୍ରାଖୋଲ, ୧୨।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରରେ ଗ୍ରାମ ରୋଜଗାର ସେବକ ସଂଘର ବୈଠକ ବ୍ଲକ ସଭାପତି ମୃତ୍ୟୁଞ୍ଜୟ ନନ୍ଦଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗ୍ରାମ ରୋଜଗାର ସେବକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସରକାର ଠିକାରେ ନିଯୁକ୍ତ କର୍ମଚାରୀଙ୍କୁ ନିୟମିତ କରିଥିବାବେଳେ ଗ୍ରାମାଞ୍ଚଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଭଳି ସର୍ବବୃହତ ଶ୍ରମଭିତ୍ତିକ ଯୋଜନାରେ କାମ କରି ମଧ ରାଜ୍ୟ ସରକାର ନିୟମିତ ନ କରିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଏ ନେଇ ଆଗାମୀ ଦିନରେ ସରକାରଙ୍କ ପାଖରେ ଦାବି ରଖିବାକୁ ଆଲୋଚନା ହୋଇଥିଲା। ବୈଠକରେ ସମ୍ପାଦକ ପବିତ୍ର କାଲସାଏ, ପ୍ରଦୀପ ଶତପଥି, ଦେବେନ୍ଦ୍ର ବାରିକ, ସୁଧର୍ମା ବେହେରା, ସଦାନନ ମାଝୀ, ବିପିନ ବେହେରା, ହେମନ୍ତ ଭୋଇ, ଦୁର୍ଯ୍ୟୋଧନ ଦଣ୍ଡସେନା, ସୁନୀତା ବାରିକ, ସରୋଜ ଭୋଇ, ସତ୍ୟନାରାୟଣ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେବାକୁ ଆସିଥିବା ଗ୍ରାମ ରୋଜଗାର ସେବକମାନେ।

# ସାଇକେଲ ଷ୍ଟାଣ୍ଡରେ ପାଠପଢ଼ା

**ମାଲପଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

ଲାଠୋର,୧୨।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡାଠାରେ ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀ ଗୃହ ନାହିଁ। ଏଥିଯୋଗୁ ଗତ ୪ମାସ ହେବ ଷଷ୍ଠଶ୍ରେଣୀର ଛାତ୍ରୀଛାତ୍ର ସାଇକେଲ ଷ୍ଟାଣ୍ଡରେ, ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ର ଡ଼ାଇନିଙ୍ଗ ହଲରେ ବସି ପାଠ ପଢୁଛନ୍ତି। ୧୯୫୧ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୬୩୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଷଷ୍ଠ ଶ୍ରେଣୀରେ ୧୫୧ ଏବଂ ସପ୍ତମ ଶ୍ରେଣୀରେ ୧୨୭ ଛାତ୍ରୀଛାତ୍ର ପାଠ ଅଛନ୍ତି। ସେମାନଙ୍କ ପାଇଁ ଦୁଇଟି ଶ୍ରେଣୀ ଗୃହ ଥିଲା। ହେଲେ ବିଦ୍ୟାଳୟ ୫-ଟି ରୁପାନ୍ତରୀଣ ହେବା କାରଣରୁ ଗୋଟିଏ କୋଠରିକୁ ବିଜ୍ଞାନ ପାଠାଗାର ଏବଂ ଆଉ ଗୋଟିଏ କୋଠରୀକୁ ବିଜ୍ଞାନ ପରୀକ୍ଷାଗାର କରାଯାଇଛି। ଫଳରେ ଷଷ୍ଠ ଏବଂ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ପାଇଁ ଶ୍ରେଣୀଗୃହ ନାହିଁ। କାମଚଳା ପାଇଁ ସାଇକେଲ ଷ୍ଟାଣ୍ଡ ଏବଂ ଡାଇନିଙ୍ଗ ହଲରେ



ସାଇକେଲ ଷ୍ଟାଣ୍ଡରେ ଷଷ୍ଠଶ୍ରେଣୀ ପିଲାଙ୍କ କ୍ଲାସ ଚାଲିଛି।

**ଶ୍ରେଣୀଗୃହ ଅଭାବ**

ପିଲାଙ୍କୁ ବସାଯାଉଛି। ପ୍ରାୟ ଏକ ମାସରୁ ଅଧିକ ହେବ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମାଲପଢ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨ଟି ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ବ୍ଲକ କାର୍ଯ୍ୟାଳୟକୁ ଛିଠି ଆସିଥିଲେ ମଧ ଅଦ୍ୟାବଧି ଟେଣ୍ଡର ଆହ୍ୱାନ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। କେବେ ଟେଣ୍ଡର ହେବ ଏବଂ କାମ ଆରମ୍ଭ ହେବ ସେନେଇ ଅଭିଭାବକ ମହଲ ଆଶଙ୍କା ଦେଖାଦେଇଛି। ବ୍ଲକ ପ୍ରଶାସନର ଅବହେଳା ହେତୁ ପିଲାମାନେ ବିଦ୍ୟାଳୟକୁ ଆସି ପାଠ ପଢିବା ବେଳେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବିଡିଓ ରଶ୍ମିରଞ୍ଜନ ରାଉତଙ୍କୁ ପଚାରିବାରେ ଅନୁଦାନ ଆସିଛି। କେତେକ ବୈଷୟିକ ସମସ୍ୟା ହେତୁ ସମୟ ଅତିବାହିତ ହୋଇଛି। କିଛିଦିନ ଭିତରେ ଆମେ ଟେଣ୍ଡର ଆହ୍ୱାନ କରି କାମ ଆରମ୍ଭ କରିବୁ ବୋଲି ସେ କହଛନ୍ତି।

## ୧୧ ମୃତକ ପରିବାରକୁ ମିଳିଲା ହରିଶ୍ଚନ୍ଦ୍ର ଯୋଜନା ସହାୟତା

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ରତାଖଣ୍ଡି ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଭିନ୍ନ ଗ୍ରାମର ୧୧ମୃତ ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ହରିଶ୍ଚନ୍ଦ୍ର ଯୋଜନାର ସହାୟତା ରାଶି ଶନିବାର ପ୍ରଦାନ କରାଯାଇଛି। ୨୦୨୨ମସିହାରେ ରତାଖଣ୍ଡି ପଞ୍ଚାୟତ ଅଧୀନ ରତାଖଣ୍ଡି, ଫଲସାମାଲ, ଡୁମେରଝରଣ ଓ ତାଳଜୁରୀ ଗ୍ରାମର ୧୧ଜଣଙ୍କ ମୃତ୍ୟୁ ଘଟିଥିଲା। ତ ସମସ୍ତ ମୃତଙ୍କ ପରିବାର ବର୍ଗଙ୍କୁ ୨ହଜାର ଟଙ୍କା ଲେଖାଏ ସହାୟତା ଓ ୧୦କେଜି ଚାଉଳ ସରପଞ୍ଚ ହିମାଞ୍ଚଳ ମେହେରେ ପ୍ରଦାନ କରିଛନ୍ତି । ଏହି ଅବସରରେ ପଞ୍ଚାୟତର ପିଇଓ ଓ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ମୂକ ବଧିର ଝିଅ ନିଖୋଜ: ଲାଞ୍ଜିଗଡ ଥାନାରେ ଏତଲା

ଲାଞ୍ଜିଗଡ,୧୨।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ଭାଟଗୁଡା ଗାଁର ବନମାଳୀ ସାହୁଙ୍କ ଝିଅ ସନ୍ଧ୍ୟାରାଣୀ ଗତ ଗୁରୁବାରଠାରୁ ନିଖୋଜ ଅଛନ୍ତି। ସୂଚନା ଅନୁସାରେ, ମାର୍ଗଶିର ମାସ ଗୁରୁବାର ପାଇଁ ପରିବାର ଲୋକେ ବ୍ୟସ୍ତ ଥିବା ବେଳେ ସନ୍ଧ୍ୟାରାଣୀ ଘରୁ କୁଆଡେ ଚାଲି ଯାଇଥିଲା। ବିଭିନ୍ନ ସ୍ଥାନ ଖୋଜାଖୋଜି ପରେ ବି ସନ୍ଧାନ ନ ମିଳିବାରୁ ତାଙ୍କ ଭାଇ ପ୍ରମୋଦ କୁମାର ସାହୁ ଲାଞ୍ଜିଗଡ ଥାନାରେ ଲିଖିତ ଭାବେ ଜଣାଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଖୋଜାଖୋଜି ଚଳାଇଥିଲେ ହେଁ ଅଦ୍ୟାବଧି ତାଙ୍କ ପତ୍ତା ମିଳି ପାରି ନାହିଁ। ସନ୍ଧ୍ୟାରାଣୀ ମୁକ ବଧିର ବୋଲି ଜଣାଯାଇଛି।

### ତାଲୁକ ଆଇନ ସେବା ସମିତି ପକ୍ଷରୁ ସଚେତନତା ଶିବିର

କେସିଙ୍ଗା,୧୨।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ତାଲୁକ ଆଇନ ସେବା ସମିତିର ଅଧକ୍ଷ ହୃଷୀକେଶ ଖେମୁଣ୍ଡୁଙ୍କ ଅଧକ୍ଷତାରେ ଓଡିଶା ଆଦର୍ଶ ବିଦ୍ୟାଳୟଠାରେ ଏକ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ,ଏସିଡ ଆକ୍ରମଣ, ଶିଶୁ ଶ୍ରମିକ ଓ ନିର୍ଯ୍ୟାତନା ଉପରେ ଅଭିନୟ କରାଯାଇଥିଲା। ଶିବିରରେ ସରକାରୀ ଓକିଲ ପ୍ରକାଶ କୁମାର ଦାଶଙ୍କ ସମେତ ଓକିଲ ସଂଘର ସମସ୍ତ ଆଇନଜୀବୀ, ନ୍ୟାୟାଳୟର କର୍ମକର୍ତ୍ତା ତଥା ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ରୁପ୍ରାରୋଡ,୧୨।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନର୍ଲା ବ୍ଲକର ବିଭିନ୍ନ ଗ୍ରାମରୁ ଭିନ୍ନକ୍ଷମମାନେ ଉପସ୍ଥିତ ରହି ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ଶିବିରରେ ୨୦୮ ଜଣଙ୍କୁ ଭିନ୍ନକ୍ଷମ ଚିହ୍ନଟ କରାଯାଇଥିଲା । ତନ୍ମଧ୍ୟରୁ ୫୦ଜଣଙ୍କୁ ଟ୍ରେନ ଓ ବସ ପାସ ଯୋଗାଇ ଦିଆଯାଇଥିଲା। ବ୍ଲକ ଅଧକ୍ଷା ମନୋରମା ମହାନ୍ତି ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସନ୍ତୀ ସେଠୀ ଉପସ୍ଥିତ ରହି ଦୁଇ ଜଣ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିଲେ । କଳାହାଣ୍ଡି ଜିଲା ଓଡିଶା ବିକଳାଙ୍ଗ ମଞ୍ଚର ସାଧାରଣ ସମ୍ପାଦକ ଡୋଳାମଣି ପଧାନ, ନର୍ଲା ବିଏସଏସଓ ପ୍ରଦୀପ କୁମାର ବେହେରା,ମୋହନ ସାହୁ, ରଜତ ରଞ୍ଜନ ମିଶ୍ର, ପ୍ରୀତମ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ଖଡ଼ିଆଳର ବିକାଶ ଚିନ୍ତା ଉପରେ ଆଲୋଚନା

ଖଡ଼ିଆଳ,୧୨।୧୧(ଡି.ଏନ.ଏ): ଖଡ଼ିଆଳ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ସମାଧାନ ପାଇଁ ଏକ ବୈଠକ ଭାରତୀ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ଛକରେ ଅନୁଷ୍ଠିତ ହୋଇଯାଇଛି। କୋମନା ମହାବିଦ୍ୟାଳୟ ଅଧକ୍ଷ ପ୍ରଭାସ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅଞ୍ଚଳର ବୁଦ୍ଧିଜୀବୀମାନେ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜିଲାରେ ବୃହତ୍ତ ଜଳସେଚନ ପ୍ରକଳ୍ପ ତିଖାଲି ଡ୍ୟାମ ଥିବା ସ୍ଥଳେ ଅର୍ଦ୍ଧାଧିକ ଜମିକୁ ପାଣି ଲାଗି ପାରିନାହିଁ ଓ ମରୁ ଶିକାର ହେଉଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଶିଳ୍ପ କାରଖାନା ନ ଥିବାରୁ ଲୋକେ କର୍ମ ନିଯୁକ୍ତି ପାଇପାରୁ ନାହାଁନ୍ତି ଓ ଦାଦନ ଯିବାକୁ ବାଧ ହେଉଛନ୍ତି। ଖଡ଼ିଆଳରେ ରେଲଲାଇନ ସଂଯୋଗ ପାଇଁ ଦୀର୍ଘ ବର୍ଷରୁ ଦାବି ହେଉଛି କିନ୍ତୁ ଏ ପର୍ଯ୍ୟନ୍ତ ସାକାର ହୋଇପାରୁନି। ମନରେଗା ଯୋଜନାରେ କାମ କରି ଶ୍ରମିକମାନେ ଠିକ ସମୟରେ ମଜୁରୀ ପାଉ ନାହାଁନ୍ତି। ସ୍କୁଲ ସବୁରେ ଶିକ୍ଷକ ଅସୁବିଧା ଦେଖା ଦେଇଛି। ରାସ୍ତାଘାଟର ଅସୁବିଧା କହିଲେ ନ ଚଳେ। ମଦର ବହୁଳ ବ୍ୟବହାର ଯୋଗୁ ପରିବାରରେ ଅଶାନ୍ତି ଦେଖା ଦେଉଛି । ବ୍ଲକର ପ୍ରତ୍ୟେକ ଗ୍ରାମକୁ ମେଗା ଯୋଜନାରେ ପାଣି ଯୋଗାଣ ହୋଇଥିଲେ ମଧ ଲୋକେ ଠିକରେ ପାଣି ପାଇପାରୁ ନାହାନ୍ତି। ଏସବୁ ସମସ୍ୟାକୁ ମିଳିତ ଭାବେ ସମାଧାନ କରିବା ପାଇଁ ଆଲୋଚନା କରାଯାଇଥିଲା । ବୈଠକରେ ମୁଖ୍ୟ ଅତିଥି ଭାବେ କମଳଚରଣ ତାଣ୍ଡି, ଅତିଥି ଭାବରେ ବୋର୍ଡା ଯୁକ୍ତ ତିନି ଅଧକ୍ଷ ଡିଲେଶ୍ୱର ନିଆଲ, ଶିକ୍ଷକ ଅରୁଣ ଯୋଶୀ, ଶିକ୍ଷକ ଦେବ କୁମାର ବନଛୋର, ଶିକ୍ଷକ ସବଲୁନ ସେନାପତି, ଶିକ୍ଷକ ହିମାଂଶୁ ପୋଡ଼,ସମବାୟ ସମୀକ୍ଷକ(ଅଡିଟର) ଜୟପୁର ଶମ୍ଭୁ କିଶୋର ଶବର ,ସ୍ଥାନୀୟ ପାଣି ସମୀକ୍ଷକ( ଅଡିଟର) ନୂଆପଡା ପ୍ରମୋଦ କୁମାର ନାଏକ, ଶାମ୍ଭ କୁମାର ସରାଫ, ମମୋକ କୁମାର ସଗରିଆ, ଦେବାନନ୍ଦ ତାଣ୍ଡି, ବାପିନା ସାହୁ, ଚନ୍ଦ୍ରଶେଖର ବେହେରା, ଦିନବନ୍ଧୁ ଛତ୍ରୀୟା ସମେତ ଅନ୍ୟାନ୍ୟ ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ।



ଭାଙ୍ଗି ଯାଇଥିବା ସ୍କୁଲ କୋଠା ।


କମ୍ୟୁନିଟି ହଲ୍‌ରେ ପାଠପଢା ଚାଲିଛି ।

# ବିଦ୍ୟାଳୟ ନାହିଁ, ଗାଁ କମ୍ୟୁନିଟି ହଲ୍‌ରେ ଚାଲିଛି ପାଠପଢ଼ା

କୋକସରା,୧୨।୧୧(ଡି.ଏନ.ଏ.)

ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ବିପୁଳ ଅର୍ଥ ବ୍ୟୟ କରୁଥିବା ବେଳେ ଏବେ ବି ସୁଧୁରି ପାରିନାହିଁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା। ଏହାର ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା କୋକସରା ଶିକ୍ଷା ବିଭାଗ ଅଧୀନରେ ଥିବା କୋକସରା ଗ୍ରାମ ପଞ୍ଚାୟତର ନୂଆପଡା ଗାଁରେ। ଏହି ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟ ଦୀର୍ଘ ୧୦ ବର୍ଷ ହେବ ଭାଙ୍ଗିଯିବା କାରଣରୁ ଅସ୍ଥାୟୀ ଭାବେ କେତେବେଳେ କାହାର ଆବାସ ଘରେ ତ, କେତେବେଳେ କାହାର ବାରଣ୍ଡାରେ ପାଠପଢା ହେଉଥିବା ଦେଖିବାକୁ ମିଳୁଛି। ଏବେ ଗାଁରେ ଥିବା ଏକ କମ୍ୟୁନିଟି ହଲର ଗୋଟାଏ କୋଠରିରେ ପାଠପଢା ଚାଲିଛି। ଅନ୍ୟପଟେ ଗ୍ରାମର ପର୍ଶୁରାମ ନାଗଙ୍କ ଇନ୍ଦିରା ଆବାସ ଘରେ ମଧାହ୍ନ ଭୋଜନ ରନ୍ଧା ଯାଉଛି। ସ୍କୁଲ ଗୃହ ନିର୍ମାଣ ପାଇଁ ଗ୍ରାମର ଜଣେ ବ୍ୟକ୍ତି ଜମି ଦାନ କରିଛନ୍ତି। ହେଲେ ଅନୁଦାନ ନ ଥିବାରୁ ବିଦ୍ୟାଳୟ କୋଠା ନିର୍ମାଣ ହୋଇ ପାରୁନାହିଁ ବୋଲି ସ୍କୁଲ ପରିଚାଳନା କମିଟିର ସଭାପତି ବୈକୁଣ୍ଠ ପାଣିଗ୍ରାହୀ ଓ ଗ୍ରାମର ପର୍ଶୁରାମ ନାଗ, ଟଙ୍କଧର ପାଣିଗ୍ରାହୀ, ଗୋଲବଦନ ନାଏକ, ଅଖିଳ ନାଏକ, କୋଦଣ୍ଡ ପାଣିଗ୍ରାହୀ, ତ୍ରିନାଥ ବାଗ, ପୁରୁଷୋତ୍ତମ ନାଏକ, ବିଦ୍ୟାଧର ନାଏକ, ଯାଦବ ନାଏକ କହିଛନ୍ତି। ନୂଆପଡା ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ୨୫ ଜଣ ଛାତ୍ରୀଛାତ୍ର ପଢୁଛନ୍ତି । ଜଣେ ପ୍ରଧାନଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀ ରହିଛନ୍ତି। ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ଅନେକ ସମୟରେ ସ୍କୁଲ ଗୃହ ନିର୍ମାଣ ପାଇଁ ବ୍ଲକ ପ୍ରଶାସନ, ଜିଲା ପ୍ରଶାସନ, ଶିକ୍ଷା ବିଭାଗ ସମେତ ଧର୍ମଗଡ ବିଧାୟକ, ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଛନ୍ତି। ହେଲେ କାହାରି ଆନ୍ତରିକତା ଥିବା ପରି ମନେ ହୁଏନାହିଁ। ଏନେଇ କୋକସରା ବିଆରସିସି ତୋଫାନ ମାଝୀଙ୍କୁ ପଚାରିବାରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବାରମ୍ବାର ସ୍କୁଲ ନିର୍ମାଣ ପାଇଁ ଜିଲା ଶିକ୍ଷା ବିଭାଗଙ୍କୁ ଚିଠି କରାଯାଇଛି । ହେଲେ ଅନୁଦାନ କେବଳ ପଞ୍ଚାୟତ ଦ୍ୱାରା ଅନୁମୋଦନ ହେଉଥିବା କାରଣରୁ କୌଣସି ପଦକ୍ଷେପ ନେଇ ପାରୁନାହୁଁ ବୋଲି କହିଛନ୍ତି। ଯଥାଶୀଘ୍ର ବିଦ୍ୟାଳୟ ଗୃହ ନିର୍ମାଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

## ରାଷ୍ଟ୍ରୀୟ ଲୋକ ଅଦାଲତ

କୋକସରା,୧୨।୧୧(ଡି.ଏନ.ଏ.)

କୋକସରା ଜେଏମଏଫସି କୋର୍ଟ ପରିସରରେ ଶନିବାର ତାଲୁକ ଆଇନ ସେବା ସମିତି ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତିର ଅଧକ୍ଷା ତଥା କୋର୍ଟର ବିଚାରପତି ରିତିକା ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଦାଲତରେ ଫୌଜଦାରୀ, ଦେୱାନୀ ମୋକଦ୍ଦମା, ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ, ଜଳଯୋଗାଣ, ପାରିବାରିକ ଜମି ଅଧିଗ୍ରହଣ, ଶ୍ରମ ବିବାଦ ଆଦି ୨୮ ଗୋଟି ମାମଲାର ଆପୋଷ ସମାଧାନ କରାଯାଇଛି। କୋର୍ଟ ମାଜିଷ୍ଟ୍ରେଟ ରିତିକା ଜେନା ସମସ୍ତ ମାମଲାର ବିଚାର କରି ଫଇସଲା କରିଛନ୍ତି। ବାର ଆସୋସିଏଶନ ସଭାପତି ରସିକ ରାଜ ଦୁର୍ଗା, ସରକାରୀ ଓକିଲ ଅଜିତ କୁମାର ପଟ୍ଟନାୟକ, ଆଇନଜୀବୀ ପ୍ରିୟରଞ୍ଜନ ବେହେରା, ମନୋଜ କୁମାର ନାଏକ, ଲକ୍ଷ୍ମୀକାନ୍ତ ଖମାରୀ, ଲକି ମେହେର, ଲଳିତ କୁମାର ଦାସ, ମାନସ ରଞ୍ଜନ ସିଂ, ଉଗ୍ରେସନ ବାଗ, ଜଗା ପଟ୍ଟନାୟକ, ସୁଜିତ ପଟ୍ଟନାୟକ ଓ କୋର୍ଟ କର୍ମଚାରୀମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତ



ରାଷ୍ଟ୍ରୀୟ ଲୋକ ଅଦାଲତରେ ଜିଲା ଦୌରାଜଜ୍ ଓ ଅନ୍ୟମାନେ ।

ଭବାନୀପାଟଣା,୧୨।୧୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତଗୁଡିକରେ ଶନିବାର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଭବାନୀପାଟଣାରେ ଜିଲା ଦୌରା ଜଜ୍‌ଙ୍କ ନୂତନ କୋର୍ଟ କାର୍ଯ୍ୟାଳୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଦୀପ୍ତି ରଞ୍ଜନ କାନୁନ୍‌ଗୋ ଓ ସଚିବ ଶୁଭ ଗୌତମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ଆୟୋଜିତ ହୋଇଥିଲା । ଏଥିରେ ବିଭିନ୍ନ ଅଦାଲତର ୬୪ଟି ପ୍ରାକ୍ ମୋକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୮ଲକ୍ଷ ୩୭ହଜାର ୫ଶହ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ୨୪ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧କୋଟି ୧୦ଲକ୍ଷ ୯୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହାସହ ୨୮ଟି ଦେୱାନୀ ମକଦ୍ଦମା ଫଇସଲା କରାଯିବା ସହ ଏନ୍‌ଆଇ ଆକ୍ଟ ମାମଲା (ଦଫା–୧୩୮)୫ଟି ଫଇସଲା କରାଯାଇ ୧୫ଲକ୍ଷ ୨୧ହଜାର ୨୭ଟଙ୍କା ଆଦାୟ କରାଯାଇଥିଲା। ବିବାହ ଜନିତ ମକଦ୍ଦମା ୧୧ଟିର ଫଇସଲା କରାଯାଇଥିବା ବେଳେ ରାଜସ୍ୱ ମକଦ୍ଦମା ୨୨୩ଟି ଫଇସଲା କରାଯାଇ ୧ଲକ୍ଷ ୧ହଜାର ୩୩୪ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ଜିଲା ଦୌରାଜଜ୍ କାନୁନ୍‌ଗୋ, ଅତିରିକ୍ତ ଜିଲା ଜଜ୍ (ଭିଜିଲାନ୍ସ)ଶ୍ରୀକାନ୍ତ ମିଶ୍ର, ଅତିରିକ୍ତ ଜିଲା ଜଜ୍ ଶୁଭଞ୍ଜନ ମହାନ୍ତି, ପରିବାର ଅଦାଲତ ଜଜ୍ ଲଳିତ କୁମାର ଦାସ, ଜିଲା ଆଇନସେବା ପ୍ରାଧିକରଣ ସଚିବ ଶୁଭ ଗୌତମ ମିଶ୍ର,ସିନିୟର ସିଭିଲ ଜଜ୍(ଏଲଆରଏଲଟିଭି)ଶ୍ରୀଦିପ ମିଶ୍ର, ବରିଷ୍ଠ ଦେୱାନୀ ଜଜ୍ ସମାପିକା ମହାନ୍ତି, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିଲୋଫର, ଅତିରିକ୍ତ ଜିଲା ଜଜ୍ (ପୋକ୍ସୋ)ସୁବ୍ରତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ। ରେଜିଷ୍ଟ୍ରାର ସିଭିଲ କୋର୍ଟ ରଶ୍ମିରେଖା ପାତ୍ର ଲୋକ ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ।

## ମୋଟର ପାର୍ଟସ୍ ଦୋକାନରୁ ନକଲି ଇଞ୍ଜିନ ଅଏଲ ଜବତ

ଭବାନୀପାଟଣା,୧୨।୧୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ସହରର ଏକ ମୋଟର ପାର୍ଟସ୍ ଦୋକାନରୁ ଏକ ଦାମୀ କମ୍ପାନୀର ନକଲି ଇଞ୍ଜିନ ଅଏଲ ଜବତ ହୋଇଛି । ଏନେଇ ପୂର୍ବରୁ କମ୍ପାନୀ କର୍ତ୍ତୃପକ୍ଷଙ୍କଠାରେ ଅଭିଯୋଗ ହୋଇଥିଲା । ଏହାର ଯାଞ୍ଚ ପାଇଁ କମ୍ପାନୀର ମାର୍କେଟିଂ କର୍ମଚାରୀ ଭବାନୀପାଟଣା ଆସି ସତ୍ୟାସତ୍ୟ ପରଖିଥିଲେ। ଏହାଛଡା ଏ ସଂକ୍ରାନ୍ତରେ ସମ୍ପୃକ୍ତ ଇଞ୍ଜିନ ଅଏଲ କମ୍ପାନୀ ଭବାନୀପାଟଣା ଟାଉନ ଥାନାରେ ଅଭିଯୋଗ କରିଥିଲେ। ପରେ ଟାଉନ ପୋଲିସର ଏକ ସ୍ୱତନ୍ତ୍ର ଟିମ ଦୋକାନ ଉପରେ ଚଢ଼ାଉ କରି ନକଲି ସାମଗ୍ରୀ ଜବତ କରିଥିଲା । ଉକ୍ତ ଦୋକାନକୁ ନକଲି ଇଞ୍ଜିନ ଅଏଲ ଓ ପାର୍ଟସ ଛତିଶଗଡ଼ର ରାୟପୁରରୁ ଆସୁଥିବା ପୋଲିସ ଜାଣିବାକୁ ପାଇଥିବା ବେଳେ ଉଭୟ କମ୍ପାନୀ ଓ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।

# ୩୨ ଶିଶୁଙ୍କ ଚକ୍ଷୁ ପରୀକ୍ଷା



ଜଣେ ଶିଶୁଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

ଭବାନୀପାଟଣା,୧୨।୧୧(ସ୍ୱ.ପ୍ର.)

### ଅପରିପକ୍ୱ ଶିଶୁଙ୍କ ପାଇଁ ଦୃଷ୍ଟି ପରୀକ୍ଷା ଶିବିର

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅପରିପକ୍ୱ ଶିଶୁଙ୍କ ଠାରେ ଦେଖାଯାଉଥିବା ଜନ୍ମଗତ ଦୃଷ୍ଟିହୀନତାକୁ ରୋକିବା ପାଇଁ ଶନିବାର ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ୩୪ ସପ୍ତାହରୁ କମ୍ ଗର୍ଭ ଧାରଣରେ ଜନ୍ମିତ ଶିଶୁ ତଥା ୨ହଜାର ଗ୍ରାମରୁ କମ୍ ଓଜନର ଜନ୍ମିତ, ୨ମାସରୁ କମ୍ ବୟସର ଶିଶୁଙ୍କୁ ମୋବାଇଲ ହେଲଥ୍ ୟୁନିଟ ମାଧମରେ ଶିବିରକୁ ଅଣାଯାଇଥିଲା। ଜିଲା ସହଳ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର ଏବଂ ଭୁବନେଶ୍ୱର ଏଲଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟର ସହଭାଗିତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏସ୍‌ଏନ୍‌ସିୟୁ ଦାୟିତ୍ୱରେ ଥିବା ଶିଶୁ ବିଶେଷଜ୍ଞ ଡା. ପୂର୍ଣ୍ଣଚନ୍ଦ୍ର ଆଚାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଏଲ ଭି ପ୍ରସାଦରୁ ଆସିଥିବା ବିଶେଷଜ୍ଞ ମୋଟ ୩୨ଜଣ ଶିଶୁଙ୍କ ପରୀକ୍ଷା କରି ପରବର୍ତ୍ତୀ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ଜନ୍ମଗତ ଦୃଷ୍ଟିହୀନତାକୁ ରୋକିବା ପାଇଁ ଏହି ଶିବିର ପ୍ରତିମାସରେ ଆୟୋଜନ ହେଉଥିବା ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରକାଶ କରିଥିଲେ। ଏଲଭି ପ୍ରସାଦରୁ ଆସିଥିବା ବିଶେଷଜ୍ଞ ସମୀର ରଞ୍ଜନ ନାଏକ,ବାସୁଦେବ ମହାରଣା,ଏସଏନସିୟୁ ଷ୍ଟାଫ ନର୍ସ ଲିଲିମା ଦାସଙ୍କ ସମେତ ଡିଇଆଇସିର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## କୋକସରା ଯାଦବ ସମିତିର ସାଙ୍ଗଠନିକ ସଭା

କୋକସରା,୧୨।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଯାଦବ ସମିତି ପକ୍ଷରୁ ବ୍ଲକ ସଭାପତି ବିନୋଦ ରାଉତଙ୍କ ସଭାପତିତ୍ୱରେ କୋକସରା ପଞ୍ଚାୟତ ଟିଲଗୁଡାଠାରେ ଥିବା ନବ ନିର୍ମିତ ଯାଦବ ଭବନ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଯାଦବ ସମାଜର କୁଳ ଦେବତା ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା କରାଯାଇ ବୈଠକ ଆରମ୍ଭ ହୋଇଥିଲା। ଏହି ବୈଠକରେ ବ୍ଲକରେ ଥିବା ବିଭିନ୍ନ ଆଞ୍ଚଳିକ କର୍ମକର୍ତ୍ତା ତଥା ବ୍ଲକ ଯାଦବ ସମିତିର କର୍ମକର୍ତ୍ତା ଉପସ୍ଥିତି ରହି ନୂଆଁଖାଇ ଭେଟଘାଟର ଆୟବ୍ୟୟ ହିସାବ, ଯାଦବ ଜନଗଣନା, ନବନିର୍ମିତ ଯାଦବ ଭବନ ଉଦ୍‌ଘାଟନ ପାଇଁ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମକୁ ବ୍ଲକ ଯାଦବ ସମିତିର ସମ୍ପାଦକ ଅଲେଖ ଗୋପାଳ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ମୌଷଧି ବାଗ, କୋକସରା ବ୍ଲକ ସହ ସମ୍ପାଦକ ଧନସିଂ ବାଗ, ସହ ସମ୍ପାଦକ ଅଭିମନ୍ୟୁ ଗୋପାଳ, କୋଷାଧକ୍ଷ ପ୍ରହ୍ଲାଦ ଚଣ୍ଡୀ, ଉପ ସଭାପତି ମଙ୍ଗଳୁ ଭାଟି , ଜିଲା ଯୁବ ଯାଦବ ସମିତିର ସମ୍ପାଦକ ଲିଙ୍ଗରାଜ ବେହେରା, କୋକସରା ବ୍ଲକ ଯୁବ ଯାଦବ ସଭାପତି ଶରତ ଚନ୍ଦ୍ର ରାଉତ, ତ୍ରିନାଥ ବାଗ, ପଙ୍କଜ ପୋଢ଼, ସୁରେଶ ନାଗ , ଯାଦବ ଭବନ ପାଇଁ ଭୂମି ଦାନ କରିଥିବା ପାର୍ଥ ଗୋପାଳ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଯାଦବ ସମାଜର କର୍ମକର୍ତ୍ତା ।

# ଗଛ ପକାଇ ରାସ୍ତା ଅବରୋଧ

### ମଣ୍ଡି ଖୋଲିବା ଦାବି ନେଇ ରାସ୍ତାରୋକୋ ଦ୍ୱିତୀୟ ଦିନରେ

କର୍ଲାମୁଣ୍ଡା,୧୨।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହଲ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଧାନମଣ୍ଡି ଖୋଲିବା ଦାବିରେ ଗଜବାହଲ ଛକଠାରେ ଚାଲିଥିବା ରାସ୍ତାରୋକୋ ଆନ୍ଦୋଳନ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ପ୍ରଶାସନ ଓ ଆନ୍ଦୋଳନକାରୀଙ୍କ ମଧରେ ବୁଝାମଣା ହୋଇପାରିନାହିଁ । ଆନ୍ଦୋଳନକାରୀମାନେ ଗଛ ପକାଇ ରାସ୍ତା ଅବରୋଧ କରିବା ଫଳରେ ଯାତାୟାତ ଠପ୍ ହୋଇଯାଇଛି। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶନିବାର ବ୍ଲକ ଅଧକ୍ଷା କୁନି ସାହୁ,ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ସରପଞ୍ଚ ଅରବିନ୍ଦ ଗହୀର,ପୂର୍ବତନ ବ୍ଲକ ଅଧକ୍ଷ ପବିତ୍ର ଭୋଇ, ପୂର୍ବତନ ସରପଞ୍ଚ ଭୀମସେନ ସାହୁ, ପୂର୍ବତନ ସମିତି ସଭ୍ୟ ବୀଣାପାଣି ସା, ନାଏବ ସରପଞ୍ଚ ଦେବକୀ ମହାନନ୍ଦ, ୱାର୍ଡମେମ୍ବର ସନ୍ତୋଷ ଦାଶ, ଅବନ୍ତି ମାଝୀ, ଚାଷୀ ନୃପମଣି ଗହୀର, ମକୁନ୍ଦ ମାଝୀ, ପ୍ରଫୁଲ୍ଲ କୁମାର ସାହୁ, ରଶ୍ମିରଞ୍ଜନ ମିଶ୍ର, ଅଖିଳ ମିଶ୍ର, ଉତ୍ତମ ଭୋଇ,ପୂର୍ଣ୍ଣ ମାଝୀଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଧାରଣାରେ ସାମିଲ ହୋଇଛନ୍ତି।



ଗଜବାହଲ ଛକଠାରେ ରାସ୍ତାରୋକୋ କରାଯାଇଛି।

## ଚତୁର୍ଥୀ ରାଷ୍ଟ୍ରୀୟ ଲୋକ ଅଦାଲତ

ଡୁଙ୍ଗୁରିପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗ୍ରାମ ନ୍ୟାୟାଳୟ କୋର୍ଟ ପରିସରରେ ଶନିବାର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡୁଙ୍ଗୁରିପାଲି ଗ୍ରାମ ନ୍ୟାୟାଳୟ ବିଚାରପତି ସୁଦେଷ୍ଣା ପଟନାୟକ ଯୋଗଦେଇ ବିଭିନ୍ନ କେଶଗୁଡିକର ସମାଧାନ କରିଥିଲେ। ଲୋକ ଅଦାଲତରେ ଡୁଙ୍ଗୁରିପାଲି ଓକିଲ ସଂଘ ସଭାପତି ସୁବାଷ ଭୋଇ, ସରକାରୀ ଓକିଲ ନବୀନ ରଣା, ସଞ୍ଜୀବ ନାୟକ, ଜୟପ୍ରକାଶ ନନ୍ଦ, ଲକ୍ଷ୍ମଣ ନାଏକ, ଖଗେଶ୍ୱର ପାଲ, ରାଜେନ୍ଦ୍ର ଭୋଇ, ପ୍ରମୋଦ ହୋତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ

ପଦ୍ମପୁର,୧୨।୧୧(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଅବକାରୀ ଟିମ୍ ଜଗଦଲପୁର ଥାନା ଅନ୍ତର୍ଗତ ଗୁଣ୍ଡିଚାଡିହି ରନ୍ଧାମଦ ବିକ୍ରୟ କେନ୍ଦ୍ର ଓ ଭାଟି ଉପରେ ଚଢ଼ାଉ କରି ୨୦୦ ଲିଟର ମଦ, ୧୯୦୦ ଲିଟର ମହୁଲ ପୋଚ ଜବତ କରିଛି। ସେହିପରି ପଦ୍ମପୁର ଥାନା ବଡପଡାରେ ଚଢ଼ାଉ କରି ଅଭିଯୁକ୍ତ ସୁବାଷ ପଧାନଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୫ କେଜି ୩୫ ଗ୍ରାମ ଗଞ୍ଜେଇ ଜବତ କରିବା ସହ ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଅବକାରୀ ମୋବାଇଲ ଟିମ୍ ୩ଟି ପୃଥକ ମାମଲା ରୁଜୁ କରି ୩୭ ଲିଟର ବିଦେଶୀ ମଦ ଜବତ କରି କରିଥିବା ଇନ୍ସପେକ୍ଟର ସମରଜିତ ଦାଶ ଓ ଥାନାଧିକାରୀ ଏଚ୍. ଜଗାରାଓ କହିଛନ୍ତି ।

### କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଜାମଟିକ୍ରା, ୧୨।୧୧(ଡି.ଏନ.ଏ.): ଅତାବିରା ବ୍ଲକ ବୁଗବୁଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ କୁସୁମ ଭୁଏ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମର ସଙ୍ଗୀତ କନିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ବୁଗବୁଗା ସିଆର୍‌ସିସି ନନ୍ଦିଘୋଷ ଭୁଏ, ପ୍ରଧାନ ଶିକ୍ଷକ ବେଣୁଧର ପଧାନ, ଶିକ୍ଷୟିତ୍ରୀ ମଞ୍ଜୁଲତା ବେହେରା, ମମତା ମହାକୁର, ଯଶୋବନ୍ତୀ ମହାକୁର, ନୀଳିମା ପଶାୟତ ପ୍ରମୁଖ ଉକ୍ତ ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି।

### ସୋହେଲା କଲେଜରେ ରକ୍ତଦାନ ଶିବିର

ସୋହେଲା, ୧୨।୧୧(ଡି.ଏନ.ଏ.): ସୋହେଲା କଲେଜରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଏବଂ ଜୁନିୟର ରେଡକ୍ରସ୍‌ର ମିଳିତ ଆୟୋଜନରେ ଅନୁଷ୍ଠିତ ଏହି ଶିବିରରେ ୬ଜଣ ଛାତ୍ରୀଙ୍କ ସମେତ ୩୧ ଜଣ ପ୍ରଥମ କରି ରକ୍ତଦାନ କରିଥିଲେ। ବିଧାୟକ ସୁଶାନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷ ରବୀନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଲେଜ ନିୟନ୍ତ୍ରକ ମଣ୍ଡଳୀ ସଭାପତି ଅଶୋକ ବାରିକ, ସୁବ୍ରତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ପ୍ରେମଚାନ୍ଦ ଦୁଆନ, ରେଡକ୍ରସ କାଉନସିଲର ପ୍ରତାପ ମିଶ୍ର ଶିବିର ପରିଚଳନା କରିଥିଲେ।

### ସର୍ବଦଳୀୟ ବୈଠକ ଡାକିଲା କୃଷକ ସଙ୍ଗଠନ

ପଦ୍ମପୁର,୧୨।୧୧(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର କୃଷକ ସଙ୍ଗଠନର ଆନ୍ଦୋଳନ ଶନିବାର ୧୨ ଦିନରେ ପହଞ୍ଚିଛି। କୃଷକ ସଙ୍ଗଠନ ତରଫରୁ ସମସ୍ତ ରାଜନୈତିକ ଦଳଙ୍କୁ ପଦ୍ମପୁର ଉପନିର୍ବାଚନରେ ଭାଗ ନ ନେବା ପାଇଁ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି। ଏହାସହିତ ରବିବାର ଅପରାହ୍ନ ୩ଟାରେ କଚେରି ପରିସରରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

### ରାଷ୍ଟ୍ରପତିଙ୍କୁ ଅପମାନ, ଥାନାରେ ଏତଲା

ପଦ୍ମପୁର,୧୨।୧୧(ଡି.ଏନ.ଏ.): ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବିରୋଧରେ ପଶ୍ଚିମବଙ୍ଗ ସରକାରଙ୍କ ମତ୍ସ୍ୟ ବିଭାଗ ମନ୍ତ୍ରୀ ଅଖିଳ ଗିରି ଅପମାନଜନକ ମନ୍ତବ୍ୟ ଦେଇଥିବାରୁ ଭାଜପା ଏହାର ଦୃଢ଼ ନିନ୍ଦା କରିଛି। ରାଜ୍ୟ ସାଧାରଣ ସମ୍ପାଦକ ରବିନାରାୟଣ ନାୟକ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ଭାଜପା ଆଦିବାସୀ ମୋର୍ଚ୍ଚା ସଭାପତି ଗୋବର୍ଦ୍ଧନ ଭୁଏ, ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ବିହାରୀ ମାଝୀ ପ୍ରମୁଖ ପଦ୍ମପୁର ଆଦର୍ଶ ଥାନାରେ ଏ ନେଇ ଏତଲା ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି ।

### ମୂକ ବଧିର ଝିଅ ନିଖୋଜ: ଲାଞ୍ଜିଗଡ ଥାନାରେ ଏତଲା

ଲାଞ୍ଜିଗଡ,୧୨।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ଭାଟଗୁଡା ଗାଁର ବନମାଳୀ ସାହୁଙ୍କ ଝିଅ ସନ୍ଧ୍ୟାରାଣୀ ଗତ ଗୁରୁବାରଠାରୁ ନିଖୋଜ ଅଛନ୍ତି। ସୂଚନା ଅନୁସାରେ, ମାର୍ଗଶିର ମାସ ଗୁରୁବାର ପାଇଁ ପରିବାର ଲୋକେ ବ୍ୟସ୍ତ ଥିବା ବେଳେ ସନ୍ଧ୍ୟାରାଣୀ ଘରୁ କୁଆଡେ ଚାଲି ଯାଇଥିଲା। ବିଭିନ୍ନ ସ୍ଥାନ ଖୋଜାଖୋଜି ପରେ ବି ସନ୍ଧାନ ନ ମିଳିବାରୁ ତାଙ୍କ ଭାଇ ପ୍ରମୋଦ କୁମାର ସାହୁ ଲାଞ୍ଜିଗଡ ଥାନାରେ ଲିଖିତ ଭାବେ ଜଣାଇଥିଲେ।

# ଜୀବନ ଜିଇବାର କୌଶଳ, ଶୃଙ୍ଖଳା ଶିଖାଏ କଳା

**ଜୋନ୍‌ସ୍ତରୀୟ କଳା ଉତ୍ସବ**

ବରଗଡ଼ ଅଫିସ, ୧୨।୧୧


ଉଦ୍‌ଯାପନୀ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ ।

କଳା କାଳଜୟୀ। ଏହା ମଣିଷକୁ ଜୀବନ ଜୀଇଁବାର କୌଶଳ ଓ ଶୃଙ୍ଖଳା ଶିକ୍ଷା ଦେଇଥାଏ ବୋଲି ବରଗଡ଼ ଖେଦାପାଲି ସ୍ଥିତ ବିଜ୍ଞାନ କେନ୍ଦ୍ରଠାରେ ଶନିବାର ଆୟୋଜିତ ଜୋନ୍‌ସ୍ତରୀୟ କଳା ଉତ୍ସବର ଉଦ୍‌ଯାପନୀ ସମାରୋହରେ ବରଗଡ଼ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଛପ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତପ୍ରକାଶ କରିଛନ୍ତି। ଝାରସୁଗୁଡା, ସମ୍ବଲପୁର, ଦେବଗଡ଼ ସୁନ୍ଦରଗଡ଼ ଓ ବରଗଡ଼ ଜିଲାକୁ ନେଇ ଗଠିତ ଜୋନ୍‌ସ୍ତରୀୟ କଳା ଉତ୍ସବରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ଅଧକ୍ଷତା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ବରଗଡ଼ ବିଇଓ ସେବାଶ୍ରୀ ଭୋଇ, ସୋହେଲା ବିଇଓ ଅମୃତା ସାହୁ, ପ୍ରଧାନ ଶିକ୍ଷକ ଡ଼ଃ ମନୋଜ କୁମାର ସାହୁ, ସମଗ୍ର ଶିକ୍ଷା ବିଭାଗର ପୁଷ୍ପାଞ୍ଜଳି ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷକ ଭାର୍ଗବ ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଉକ୍ତ ୫ ଜିଲାରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ୮ଟି ସ୍କୁଲ ବ୍ୟାଣ୍ଡ ବାଜା ଦଳ ଭାଗ ନେଇଥିଲେ। ବାଳକ ସ୍କୁଲ ବ୍ୟାଣ୍ଡ ପ୍ରତିଯୋଗିତାରେ ବରଗଡ଼ ଜର୍ଜ ଉଚ୍ଚ ବିଦ୍ୟାଳୟ ଓ ବାଳିକା ବିଭାଗରେ ପଦ୍ମପୁର ସରକାରୀ ବାଳିକା ବିଦ୍ୟାଳୟ ରାଜ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ଲୋକନୃତ୍ୟ ପ୍ରତିଯୋଗିତାର ବାଳକ ବିଭାଗରେ ବରଗଡ଼ ଜିଲାର ଆର୍ଯ୍ୟନ ମହାନନ୍ଦ ଓ ବାଳିକା ବିଭାଗରେ ଡିଲେଶ୍ୱରୀ ସୁନା ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ କଳା ଉତ୍ସବରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିବା ଶିକ୍ଷା ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ପରିଚାଳନାରେ ସଦାନନ୍ଦ ଜାଲ, ଡଃ ଡୋଲାମଣି ଶତପଥୀ, ସୁଶାନ୍ତ ଭୋଇ, ନବୀନ ସାବତ, ସିଆରସିସି ଦୀପ୍ତିମାନ ପାଣିଗ୍ରାହୀ, ଅଭୟ ବେହେରା, ଅରବିନ୍ଦ ଗୁପ୍ତା, ନିବେଦିତା ପୁରୋହିତ, ସପ୍ତା ସା, ରାଜଶ୍ରୀ ପୁରୋହିତ, ଗୋପୀନାଥ ପ୍ରଧାନ, ଗୋବିନ୍ଦ ସେଟ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ବିଶ୍ୱ ମିତବ୍ୟୟିତା ଦିବସରେ ପ୍ରତିଯୋଗିତା

ବରଗଡ଼ ଅଫିସ, ୧୨।୧୧

ବିଶ୍ୱ ମିତବ୍ୟୟିତା ଦିବସ ତଥା ସଞ୍ଚୟ ପକ୍ଷ ପାଳନ ଅବସରରେ ବରଗଡ଼ରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବରଗଡ଼ ଜିଲା ପ୍ରଶାସନ ତରଫରୁ ଆୟୋଜିତ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ସ୍ଥାନୀୟ ଜର୍ଜ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଜିଲା ସ୍ୱଳ୍ପ ସଞ୍ଚୟ ଓ ବିତ୍ତୀୟ ସମାବେଶନ ବିଭାଗ ଅଧିକାରୀ ନୀଳାଞ୍ଚଳ ସେଠୀଙ୍କ ସଭାପତିତ୍ୱରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଡଃ ଡୋଲାମଣି ଶତପଥୀ ଅତିଥି ଭାବେ ଯୋଗଦାନ କରି ପ୍ରତିଯୋଗୀମାନଙ୍କୁ ସଞ୍ଚୟର ଉପକାରିତା ଉପରେ ବୁଝାଇଥିଲେ। କନିଷ୍ଠ ଓ ବରିଷ୍ଠ ବିଭାଗରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ ବରିଷ୍ଠ ଶିକ୍ଷକ ଅରବିନ୍ଦ କୁମାର ଗୁପ୍ତା, ଅବସରପ୍ରାପ୍ତ ଇଂଲିଶ ଅଧ୍ୟାପକ ପରମାନନ୍ଦ ବ୍ରହ୍ମଚାରୀ ଓ ଅଧ୍ୟାପିକା ମାଳବିକା ମିଶ୍ର ଯୋଗଦାନ କରିଥିଲେ। ବରିଷ୍ଠ ବିଭାଗରୁ ବରଗଡ ପଞ୍ଚାୟତ କଲେଜର ମୌସୁମୀ ଦାଶ, ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜର ଆକାଶ ପଣ୍ଡା ଓ ପଞ୍ଚାୟତ କଲେଜର ସମ୍ବିତ ପଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବିଭାଗରୁ ଦିବ୍ୟାଶ୍ରୀ ବିକାଶ ଆବାସିକ ସ୍କୁଲର ବିଜୟିନୀ ସାହୁ, ପଞ୍ଚାୟତ ଉଚ୍ଚମାଧ୍ୟମିକ କଲେଜର ଅୟାଶ ପଣ୍ଡା ଓ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରିୟା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ବିଜେତା ହୋଇଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ ।

# ବିକାଶରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା


ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ସମବେତ ବିକାଶ ଛାତ୍ରୀଛାତ୍ର ।

ବରଗଡ଼ ଅଫିସ୍,୧୨।୧୧

ବରଗଡ଼ର ବିକାଶ ଆବାସିକ ବିଦ୍ୟାଳୟରେ ଶୁକ୍ରବାର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ମାଁ ଶ୍ୟାମାକାଳୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ସ୍କୁଲ ପଡ଼ିଆରେ ପହଞ୍ଚିଥିଲା। ମଶାଲ ଶୋଭାଯାତ୍ରାରେ ସ୍କୁଲର ୪ଟି ସଦନର ୧୫୦ ଛାତ୍ରୀଛାତ୍ର, ୩୦ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଥିଲେ। ଅନୁଷ୍ଠାନର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ମାଁ ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା କରି ମଶାଲରେ ଅଗ୍ନି ପ୍ରଜ୍ୱଳିତ କରିଥିଲେ। ସ୍କୁଲର ଆଥଲେଟ୍ ବିଦ୍ୟାର୍ଥୀମାନେ ମଶାଲକୁ ଥାନା ଛକ ମାର୍ଗ ଦେଇ ବିକାଶ ଫାଷ୍ଟ ଷ୍ଟେପ୍ ଓ ପରେ ବିକାଶ ଆବାସିକ ସ୍କୁଲକୁ ଆଣିଥିଲେ। ବିକାଶ ପଡ଼ିଆରେ ପହଞ୍ଚିବା ପରେ ମଶାଲକୁ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲି କ୍ରିଷ୍ଣାଙ୍କୁ ହସ୍ତାନ୍ତର କରାଯାଇଥିଲା। ମୁଖ୍ୟ ଅତିଥି ଖେଳ ପତାକା ଉତ୍ତୋଳନ କରିବା ପରେ ସ୍କୁଲର ୪ ସଦନର ଛାତ୍ରୀଛାତ୍ର ପରେଡ୍ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ସମବେତ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ପ୍ରଦାନ ପୂର୍ବକ ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ଶାରୀରିକ ଏବଂ ମାନସିକ ବିକାଶ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ପରେ ସ୍କୁଲର ୪ ସଦନ ମଧ୍ୟରେ ହୋଇଥିବା ଗୋଷ୍ଠୀ ଖେଳ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମେଡ଼ାଲ ତଥା ସନନ୍ଦ ପତ୍ର ପ୍ରଦାନ କରାଯାଇଥିଲା। ଚେୟାରମ୍ୟାନ କ୍ରିଷ୍ଣା ନିଜ ବକ୍ତବ୍ୟରେ ଖେଳ କ୍ଷେତ୍ରରେ ସ୍କୁଲର କୃତିତ୍ୱ ଉପରେ ଆଲୋକପାତ କରିବା ସହିତ ଜିଲା ତଥା ସିବିଏସ୍‌ଇ ଜାତୀୟସ୍ତରରେ ଛାତ୍ରୀଛାତ୍ରଙ୍କ କୃତିତ୍ୱ ଶିକ୍ଷାନୁଷ୍ଠାନ ନିମନ୍ତେ ଗର୍ବ ଓ ଗୌରବ ଅଟେ ବୋଲି କହିଥିଲେ ।

# ୩୦ ଖଣ୍ଡ ଶାଳ ଚଉକାଠ ଜବତ: ୨ ଗିରଫ

ବୌଦ୍ଧ,୧୨।୧୧(ସ୍ୱ.ପ୍ର.)

ବୌଦ୍ଧ ରେଞ୍ଜ ଅନ୍ତର୍ଗତ ହରଭଙ୍ଗା ବ୍ଲକ କୃଷ୍ଣମୋହନପୁର ଗ୍ରାମ ପାଖ ବଲାଟ ନାଳ ନିକଟରେ ବନବିଭାଗ ପକ୍ଷରୁ ଏକ କାର ଉପରେ ଚଢାଉ କରାଯାଇ ୩୦ ଖଣ୍ଡ ଶାଳ ଚଉକାଠ ଜବତ ହୋଇଛି । ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଛି । ପ୍ରକାଶ ଯେ, ବୌଦ୍ଧ ବନବିଭାଗ କର୍ମଚାରୀମାନେ ଜଗନ୍ନାଥ ସଡକରେ ପାଟ୍ରୋଲିଂ କରୁଥିବା ବେଳେ ଏକ କାରରେ ବେଆଇନ କାଠ ଚାଲାଣ ହେଉଥିବା ସୂଚନା ପାଇ ଚଢାଉ କରିଥିଲେ। କାର ମଧ୍ୟରୁ ୩୦ ଖଣ୍ଡ ଶାଳ ଚଉକାଠ ସହ କାରକୁ ଜବତ କରାଯାଇଛି । କାରରେ ଥିବା ବୌଦ୍ଧ ସହରର ସୁନିଲ ନାଏକ ଓ ଅନୁଗୋଳ ଜିଲା କିଆକଟା ଥାନା କାଦପଡା ଗ୍ରାମର ଶ୍ରୀରାମ ଭୂୟାଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏହି ଚଢାଉରେ ଫରେଷ୍ଟର ସ୍ୱାଧୀନ ସାମଲ, ଫରେଷ୍ଟ ଗାର୍ଡ ପ୍ରକାଶ ପ୍ରଧାନ, ସନ୍ତୋଷ ବାରିକ, ଏସ. ପ୍ରଧାନ, ସୁଶାନ୍ତ ସାହୁ ପ୍ରମୁଖ ସାମିଲ ଥିଲେ ।

# ପଦ୍ମପୁର ଜିଲା ଦାବିରେ ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ

ପଦ୍ମପୁର,୧୨।୧୧(ଡି.ଏନ.ଏ.)

ପଦ୍ମପୁରକୁ ଜିଲା ଘୋଷଣା ଦାବିରେ ପଦ୍ମପୁର ଓକିଲ ସଂଘ ନେତୃତ୍ୱରେ ଶନିବାର ପୂର୍ବାହ୍ନ ୧୦ଟାରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଜନପ୍ରତିନିଧି, ରାଜନୈତିକ ଦଳ, ବଣିକ ସଂଘ, ବରିଷ୍ଠ ନାଗରିକ, କୃଷକ ସଙ୍ଗଠନ, ସରପଞ୍ଚ ସଂଘ, ବିଭିନ୍ନ କ୍ଲବର କର୍ମକର୍ତ୍ତା ତଥା ଜନସାଧାରଣ ଯୋଗଦାନ କରି ପଦ୍ମପୁର ଉପଜିଲାପାଳ ତ୍ରିଲୋଚନ ପାତ୍ରଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପଠାଇଛନ୍ତି। ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଦାବି ହାସଲ ଯାଏ ଆହୁରି ବ୍ୟାପକ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଶନିବାରଠାରୁ ପ୍ରତିଦିନ ପଦ୍ମପୁର କଚେରି ପରିସର, ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକାତ୍ମକ ଗଣଧାରଣା ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି କ୍ରିୟାନୁଷ୍ଠାନ କମିଟି ତରଫରୁ କୁହାଯାଇଛି ।


ଜିଲା ଦାବିରେ ପଦ୍ମପୁରରେ ଶୋଭାଯାତ୍ରା କରାଯାଉଛି।

# ରାଜନୈତିକ, ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ବୈଠକ

**ପଦ୍ମପୁର ଉପନିର୍ବାଚନ**

ବରଗଡ଼ ଅଫିସ୍,୧୨।୧୧


ରାଜନୈତିକ, ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ପ୍ରଶାସନର ବୈଠକ ।

ବରଗଡ଼ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଶନିବାର ପଦ୍ମପୁର ଉପନିର୍ବାଚନ ପରିପ୍ରେକ୍ଷୀରେ ରାଜନୈତିକ ଦଳ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ମୋନିଷା ବାନାର୍ଜୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଭିନ୍ନ ମିଡ଼ିଆ ସାର୍ଟିଫିକେଶନ ଏବଂ ମନିଟରିଂ କମିଟିର କାର୍ଯ୍ୟାବଳୀ ତଥା ବିଭିନ୍ନ ରାଜନୈତିକ ଦଳର ନିର୍ବାଚନ ଖର୍ଚ୍ଚ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ରାଜନୈତିକ ଦଳ ଦ୍ୱାରା ନିର୍ବାଚନ ସମୟରେ ବ୍ୟବହୃତ ହେଉଥିବା ସାମଗ୍ରୀର ଏକ ଆନୁମାନିକ ମୂଲ୍ୟ ତାଲିକା ସେମାନଙ୍କୁ ପ୍ରଦାନ କରାଯାଇଛି। ଯଦି ବଜାର ଦର ଅନୁସାରେ କୌଣସି ସାମଗ୍ରୀର କିଛି ପରିବର୍ତ୍ତନ ଦର ଥାଏ, ସେମାନେ ଜିଲା ନିର୍ବାଚନ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇପାରିବେ ବୋଲି ସୂଚନା ଦିଆଯାଇଥିଲା। କୌଣସି ଗଣମାଧ୍ୟମ ପ୍ରତିନିଧି କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳ କିମ୍ବା ପ୍ରାର୍ଥୀଙ୍କ ପ୍ରଚାର ସମ୍ପର୍କୀତ ଖବର ପ୍ରଚାର କରିବା ପୂର୍ବରୁ ମିଡ଼ିଆ ମନିଟରିଂ କମିଟିଠାରୁ ଅନୁମତି ନେବେ। ଯଦି କୌଣସି ଖବର ଦେୟଯୁକ୍ତ ହୋଇଛି ବୋଲି ସନ୍ଦେହ ହୁଏ, ତେବେ କମିଟି ଉପଯୁକ୍ତ ଭାବେ ଯାଞ୍ଚ କରିବ। ବୈଠକରେ ବିଜେଡ଼ି ପ୍ରତିନିଧି ପଦ୍ମଲୋଚନ ମଲ୍ଲିକ, ସୋମନାଥ ବନଛୋର, ବିଦେଶୀ ବିଶ୍ୱାଳ, ଭାଜପାର ପ୍ରତିନିଧି ପ୍ରୀତମ ସିଂ, ସିପିଆଇର ପ୍ରତିନିଧି ଗୁଣନିଧି ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସପି ପରମାର ସ୍ମିତ ପୁରୁଷୋତ୍ତମ ଦାସ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, କୃତ୍ତିବାସ ରାଉତ, ଜିଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଆଦିତ୍ୟ ଗୋଏଲ, ପଦ୍ମପୁର ଉପଜିଲାପାଳ ତ୍ରିଲୋଚନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଉପନିର୍ବାଚନ ପୂର୍ବରୁ ଧରପଗଡ଼

ଝାରବନ୍ଧ/ପଦ୍ମପୁର,୧୨।୧୧(ଡି.ଏନ.ଏ)


ପଦ୍ମପୁର ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ଗାଡ଼ି ଯାଞ୍ଚ କରାଯାଉଛି ।

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନକୁ ନେଇ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଏହି କ୍ରମରେ ଶନିବାର ଝାରବନ୍ଧ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ୩୨ଟି ହୋର୍ଡ଼ିଂ, ପୋଷ୍ଟର, ବ୍ୟାନର ହଟାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଷ୍ଟାଟିକ୍ ସର୍ଭେଲେନ୍ସ ଟିମ୍ (ଏସ୍‌ଏସ୍‌ଟି) ଦ୍ୱାରା ବିଭିନ୍ନ ଅଞ୍ଚଳରେ ଯାନବାହନ ଯାଞ୍ଚ କରାଯାଇଥିଲା। ପଦ୍ମପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରୁ ଅବକାରୀ ବିଭାଗ ତରଫରୁ ଚଢ଼ାଉ କରାଯାଇ ୫୧୯ ଲିଟର ମଦ, ୨୩୬୪ଲିଟର ପୋଚ, ୨୩.୬୪ ଲିଟର ବିଦେଶୀ ମଦ, ୪୨.୫୫ ଲିଟର ବିୟର, ୫କିଗ୍ରା ୪୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏ ନେଇ ୧୭ଟି ମାମଲା ରୁଜୁ ହୋଇଥିବାବେଳେ ୧୨ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି ।

# ଚାଷୀଙ୍କ ଧାରଣାକୁ ସମର୍ଥନ

ପଦ୍ମପୁର,୧୨।୧୧(ଡି.ଏନ.ଏ.)

ବୀମା ଇନପୁଟ ସବ୍‌ସିଡି ସମେତ ବିଭିନ୍ନ ଦାବି ନେଇ ବରଗଡ଼ ଜିଲା ରାଜବୋଡାସମ୍ବର କୃଷକ ସଙ୍ଗଠନ ତରଫରୁ ପଦ୍ମପୁର ଉପଜିଲାପାଳଙ୍କ ଅଫିସ ପରିସରରେ ଚାଲିଥିବା ଆନ୍ଦୋଳନ ଶନିବାର ୧୨ ଦିନରେ ପହଞ୍ଚିଛି। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବିଧାୟକ ନାଉରୀ ନାୟକଙ୍କ ସମେତ ଭାଜପା କର୍ମକର୍ତ୍ତା ଧାରଣାସ୍ଥଳକୁ ଆସି ସମର୍ଥନ ଜଣାଇଥିଲେ। ସେହିପରି କଂଗ୍ରେସର ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ଓ କଂଗ୍ରେସ କର୍ମୀମାନେ ମଧ ସେଠାକୁ ପହଞ୍ଚି ସମର୍ଥନ କରିଥିଲେ।


କଂଗ୍ରେସ ନେତା ସତ୍ୟଭୂଷଣ ସାହୁ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

# ମୁକୁଳିଲେ ୧୫ ବନ୍ଧକ ଶ୍ରମିକ

ବରଗଡ଼ ଅଫିସ୍,୧୨।୧୧


ବନ୍ଧା ପଡ଼ିଥିବା ଶ୍ରମିକଙ୍କୁ ତେଲଙ୍ଗାନା ପୋଲିସ ଉଦ୍ଧାର କରୁଛି ।

ତେଲଙ୍ଗାନାରେ ଜଣେ ଇଟାଭାଟି ମାଲିକଙ୍କ ପାଖରେ ବନ୍ଧା ପଡ଼ିଥିବା ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ସଲଡିହି ଏବଂ ସାରମସିଲି ଗ୍ରାମର ୧୫ ଶ୍ରମିକ ଉଦ୍ଧାର ହୋଇଛନ୍ତି। ପାଇକମାଳ ବ୍ଲକ ଟେମରୀ ଗ୍ରାମର ସ୍ୱେଚ୍ଛାସେବୀ ଦୀପା ବାରିକଙ୍କ ଉଦ୍ୟମ ଯୋଗୁ ଶ୍ରମିକମାନେ ସେଠାରୁ ଶନିବାର ଘର ଅଭିମୁଖେ ଫେରୁଥିବା ଜଣାପଡ଼ିଛି ।

ପ୍ରକାଶ ଯେ, ଗତ ପ୍ରାୟ ଦେଢ଼ ମାସ ତଳେ ସଲଡିହି ଏବଂ ସାରମସିଲି ଗ୍ରାମର ୧୫ଜଣ ଶ୍ରମିକ ତେଲଙ୍ଗାନା ରାଜ୍ୟ ଭୁବନଗରୀ ମଣ୍ଡଳ ଅନ୍ତର୍ଗତ ଏକ ଇଟାଭାଟିକୁ କାମ କରିବାକୁ ଯାଇଥିଲେ। ସେଠାରେ ସେମାନେ ନିୟମିତ କାମ କରୁଥିଲେ ସୁଦ୍ଧା ଠିକ୍ ଭାବେ ପ୍ରାପ୍ୟ ମିଳୁ ନ ଥିଲା । ଅନ୍ୟପଟେ ପ୍ରାପ୍ୟ ରାଶି ମାଗିଲେ ପାରିଶ୍ରମିକ ବଦଳରେ ସେମାନଙ୍କୁ ନିର୍ଯାତନା ଦିଆଯାଉଥିବା ସେମାନେ ଅଭିଯୋଗ କରିଛନ୍ତି । ସମ୍ପୃକ୍ତ ଶ୍ରମିକଙ୍କ ସମ୍ପର୍କୀୟମାନେ ଫୋନ ଯୋଗେ ଏହା ଜାଣିବା ପରେ ଶନିବାର ସକାଳେ ସେମାନେ ସ୍ୱେଚ୍ଛାସେବୀ ଦୀପାଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଦୀପା ତେଲଙ୍ଗାନା ରାଜ୍ୟ ପୋଲିସ ସହିତ ଯୋଗାଯୋଗ କରିଥିଲେ। ଏହାପରେ ପୋଲିସ ସେଠାରୁ ସେମାନଙ୍କୁ ଉଦ୍ଧାର କରିଛି ଏବଂ ସନ୍ଧ୍ୟାରେ ଶ୍ରମିକମାନେ ଘରକୁ ବାହାରିଛନ୍ତି ।

